# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.129 Bhubaneswar Tuesday, July 06, 2021 | ୨୪ତମ ବର୍ଷ ସଂଖ୍ୟା–୧୨୯ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୦୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS





ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବେ ଆୟୋଜିତ କୋ-ୱିନ୍ ଗ୍ଲୋବାଲ କନକ୍ଲେଭ୍ର ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରୀ ହର୍ଷବର୍ଦ୍ଧନ ଭିଡ଼ିଓ କନଫରେନ୍ସିଂ ଜରିଆରେ ଉଦ୍‌ବୋଧନ ଦେଉଛନ୍ତି

# ରାଜଧାନୀରେ ଚାଂଚଲ୍ୟ : ଭଡା ଘରେ ମହିଳାଙ୍କୁ ହତ୍ୟା

ଭୁବନେଶ୍ୱର,୫।୭(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଜଣେ ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଭୀମଟାଙ୍ଗି ଅଂଚଳରେ ଥିବା ଭଡ଼ା ଘର ଭିତରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିବା ବେଳେ ସେଠାରୁ ଜଣେ ପୁରୁଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣକ ହେଲେ ପ୍ରିୟଙ୍କା ସାହୁ। ସେହପରି ଗୁରୁତର ଯୁବକ ଜଣକ ହେଲେ ଜଗନ୍ନାଥ ପ୍ରଧାନ। ଘଟଣା ସଂପର୍କରେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସଙ୍କ ସୂଚନା ଦେଇ କହିଛନ୍ତି ଯେ ହତ୍ୟାକାଣ୍ଡ ଘଟିଥିବା ଘର ଭିତରୁ ହାତଲେଖା ଚିଠି ମିଳିଛି। ଗୁରୁତର ଯୁବକ ଜଗନ୍ନାଥ ପ୍ରଧାନ ହିଁ ଉକ୍ତ ଚିଠି ଲେଖିଥିଲେ ।ଆଜି ସକାଳେ ପ୍ରିୟଙ୍କାଙ୍କ ସ୍ୱାମୀ ରାକେଶ ସାହୁ ଏକ କଲ୍ ପାଇଲେ। ଏହାସହ ଏକ ଫଟୋରେ ତାଙ୍କ ସ୍ତ୍ରୀ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ ରାକେଶ । ଘଟଣା କଣ ବୁଝିବାକୁ ଘର ମାଲିକଙ୍କ ଫୋନ୍ କରିଥିଲେ ରାକେଶ। ଘର ମାଲିକ ପ୍ରିୟଙ୍କା, ଆଉ ଜଣେ ଯୁବକ ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ । ଖବର ପାଇ ରାକେଶ ଓ ପୋଲିସ ଘଟଣାସ୍ଥଳରେ ପହଂଚିଥିଲେ ।ସଂପୃକ୍ତ ଯୁବକ ଜଗନ୍ନାଥ ପ୍ରଧାନକୁ ଉଦ୍ଧାର କରାଯିବା ପରେ ତାର ପ୍ରାଥମିକ ବୟାନ ରେକର୍ଡ ହୋଇଛି ।ଉଭୟ ପ୍ରିୟଙ୍କା ଓ ଜଗନ୍ନାଥ ଯାଜପୁର ଅଂଚଳର । ପରସ୍ପରକୁ ସେମାନେ ପୂର୍ବରୁ ଜାଣନ୍ତି ।କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ହୋଇଥିବା କହିଛନ୍ତି ଡିସିପି ।ପ୍ରତିହିଂସା ପରାୟଣ ହୋଇ ଜଗନ୍ନାଥ ହତ୍ୟା କରିବାକୁ ମନସ୍ଥ କରିଥିଲା। ପ୍ରିୟଙ୍କା ଓ ତାଙ୍କ ପୁଅକୁ ମାରି ନିଜେ ଆତ୍ମହତ୍ୟା ଯୋଜନା କରିଥିଲା। ହେଲେ ସୌଭାଗ୍ୟବସତଃ ଘଟଣା ସମୟରେ ପୁଅଟି ଘରେ ଉପସ୍ଥିତ ନଥିଲା ବୋଲି ବର୍ତିଯାଇଛି ।ହତ୍ୟା କରିବା ସମୟରେ ପ୍ରିୟଙ୍କାଙ୍କ ସ୍ୱାମୀଙ୍କୁ ଭିଡିଓ କଲ୍ କରିଥିଲା ଜଗନ୍ନାଥ। ଭିଡିଓ କଲ୍ ରିସିଭ୍ ନକରିବାରୁ ଜଗନ୍ନାଥ ଫଟୋ ପଠାଇଥିବା ଡିସିପି କହିଛନ୍ତି ।ସୂଚନା ଅନୁଯାୟୀ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗିର ଫେଜ୍-୧ ଅଂଚଳରେ ଗତ ୩ ବର୍ଷ ଧରି ପ୍ରିୟଙ୍କା ଓ ତାଙ୍କ ସ୍ୱାମୀ ରାକେଶ ଓ ୪ ବର୍ଷର ପୁଅ ସହ ଭଡାରେ ରହୁଥିଲେ। ତାଙ୍କ ସ୍ୱାମୀ ଭୁବନେଶ୍ୱରରେ କୌଣସି ପ୍ରାଇଭେଟ୍ ସଂସ୍ଥାରେ କାମ କରନ୍ତି। ସୋମବାର ଘଟଣାସମ୍ପର୍କରେ ପୋଲିସ୍ ଖବର ପାଇ ପହଂଚିବା ପରେ ଘର ଭିତରେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ବେଳେ ସେଠାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିବାର ଦେଖିବାକୁ ପାଇଥିଲା। ମୃତ ପ୍ରିୟଙ୍କାଙ୍କ ଶରୀରରେ ଏକାଧିକ କ୍ଷତ ଚିହ୍ନ ଥିବା ବେଳେ ଗୁରୁତର ଜଗନ୍ନାଥଙ୍କ ଦେହରେ ମଧ୍ୟ କ୍ଷତ ଚିହ୍ନ ରହିଛି ଓ ସେ ବିଷ ପିଇ ଥିବା ଜଣାପଡିଥିଲା । ଗୁରୁତର ଭାବେ ଉଦ୍ଧାର ଉକ୍ତ ବ୍ୟକ୍ତିଙ୍କୁ କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ଭର୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସୁଧୁରିବା ପରେ ପୋଲିସ୍ ତାଙ୍କୁ ପଚରାଉଚରା କରିଥିଲା।

## ମାସେ ପାଇଁ ଆବାସ ପ୍ଲସ୍ ଆପ୍ କାର୍ଯ୍ୟକ୍ଷମ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୫।୭(ପି.ଏନ): ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାରା ରାଜ୍ୟ ପାଇଁ ଆଉ ୧ ମାସ ପାଇଁ ଆବାସ ପ୍ଲସ୍ ଆପ୍ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚିଠିରେ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର କେବଳ ୧୪ ଫନି ପ୍ରଭାବିତ ଜିଲ୍ଲା ପାଇଁ ଆପ୍ କାର୍ଯ୍ୟକ୍ଷମ କରିଛନ୍ତି। ଅନ୍ୟ ୧୬ ଜିଲ୍ଲା ଏଥିରୁ ବଂଚିତ ହୋଇଛନ୍ତି ।

## ତୃତୀୟ ଲହର ପାଇଁ ପ୍ରସ୍ତୁତ : ସ୍ୱାସ୍ଥ୍ୟ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୭(ପି.ଏନ): ଦ୍ୱିତୀୟ ଲହର ସଂକ୍ରମଣ କମୁଛି । ତୃତୀୟ ଲହର ଆସୁ ବା ନ ଆସୁ ଆମେ ଆଉ ଗୋଟିଏ ଲହର ପାଇଁ ପ୍ରସ୍ତୁତ ହୋଇ ରହିବୁ। ଏହାର ମୁକାବିଲା ପାଇଁ ତିନୋଟି ଦିଗ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି। ଭ୍ୟାକ୍ସିନେସନ୍ ବଢ଼ାଇବା, ସର୍ଭେଲାନ୍ସ ଜାରି ରଖିବା ଆଉ ଭିତିଭୂମି ପ୍ରସ୍ତୁତ ରଖିବା ଆମର ପ୍ରାଥମିକ ଲକ୍ଷ୍ୟ। ଫୋକସ ରହିବ ଶିଶୁ ମାନଙ୍କ ଚିକିତ୍ସା। ସେ ଦିଗରେ ଟ୍ରେନିଂ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଦୈନିକ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ମୃତ୍ୟୁ ସଂଖ୍ୟା ଏମିତି ଏବେ କିଛି ଦିନ ରହିବ। ତେବେ ଜିଲ୍ଲା ସ୍ତରରେ ଅଡିଟ୍ ରିପୋର୍ଟ ଆସିବା ପରେ ଆମେ କହି ପାରିବା କେଉଁ ଦିନ କେତେ ମୃତ୍ୟୁ ହେଉଛି । ଏବେ ବି ୪୫୦ ରୋଗୀ ଆଇସିୟୁରେ ଅଛନ୍ତି। ଭେଂଟିଲେଟରରେ ରହୁଥିବା ରୋଗୀଙ୍କ ମୃତ୍ୟୁ ସମ୍ଭାବନା ୯୦ରୁ ୯୨ ପ୍ରତିଶତ। ଏବେ ବି ୫୫ରୁ ୬୦ ଲୋକ ଭେଂଟିଲେଟରରେ ଅଛନ୍ତି ଏବଂ ଆଇସିୟୁରୁ ୩୦ ପ୍ରତିଶତ ପେସେଂଟ ଭେଂଟିଲେଟରକୁ ଯାଆନ୍ତି। ଯେତେ ପର୍ଯ୍ୟନ୍ତ କ୍ରିଟିକାଲ ପେସେଂଟ ଅଛନ୍ତି ଆମର ମୃତ୍ୟୁ ସଂଖ୍ୟା କିଛି ଏମିତି ରହିବ ।ଉପକୂଳରେ ସଂକ୍ରମଣ ବିଳମ୍ବରେ ପିକ୍ ନେଇଥିଲା । ପଶ୍ଚିମ ଓଡ଼ିଶାରେ ସ୍ଥିତିରେ ସୁଧାର ଆସିଛି। ଉପକୂଳରେ ବି ଜୁଲାଇ ଦ୍ୱିତୀୟ ସପ୍ତାହ ବେଳକୁ କମିବ ବୋଲି ଆଶା କରାଯାଉଛି। ଆମେ କେନ୍ଦ୍ରୀୟ ଟିମଙ୍କୁ ଜିଲ୍ଲାର ରିପୋର୍ଟ ଦେବୁ ତାହା ପରେ ସେ କେଉଁଠି କୁ ଯିବେ ତାହା ତାଙ୍କ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

## କଲେଜ ଓ ୟୁନିଭରସିଟି ଆସିବେ ସବୁ କର୍ମଚାରୀ

ଭୁବନେଶ୍ୱର, ୫।୭(ପି.ଏନ): ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ଶିକ୍ଷାନୁଷ୍ଠାନରେ ସବୁ ଷ୍ଟାଫ୍ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତାକାଲି (ଜୁଲାଇ୬)ଠାରୁ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଉଭୟ ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ୍ ନିୟମିତ ଆସିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କୁଳପତି ଓ ପ୍ରିନ୍ସିପାଲମାନଙ୍କୁ ଚିଠି ଲେଖିଛନ୍ତି। କୋଭିଡ୍ ପାଇଁ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଶିକ୍ଷାନୁଷ୍ଠାନ ଚାଲିଥିଲା। ବର୍ତମାନ କୋଭିଡ୍ ପରିସ୍ଥିତିର ସୁଧାର ଆସିଥିବାରୁ ରୋଷ୍ଟର ଡ୍ୟୁଟି ବ୍ୟବସ୍ଥା ପ୍ରତ୍ୟାହାର କରାଗଲା। ଆଗକୁ ୟୁଜି ଓ ପିଜି ପରୀକ୍ଷା ଥିବାରୁ ସମସ୍ତ ଷ୍ଟାଫ୍ ଆସିବା ଜରୁରୀ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ।ତେବେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ ପୂର୍ବକ ମାସ୍କ ପିନ୍ଧିବା ଓ ହାତ ସାନିଟାଇଜ୍ କରିବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି।

# ଗୋଟିଏ ଦିନରେ ୨୮୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୫।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୮୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୨୪୬୯୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୯୦୭୭୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୯୬୨୦ ରହିଛି । ଆଜି ଚିହ୍ନଟ ହୋଇଥିବା ୨୮୦୩ ଜଣଙ୍କ ମଧ୍ୟରୁ ୧୫୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୦୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୭୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୫୫ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୧୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୧, କଟକରୁ ୪୪୧, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୬୭ ଜଣ, ଗଜପତି ଜିଲ୍ଲାରୁ ୧୦ , ଗଞ୍ଜାମରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୭ ଜଣ, ଯାଜପୁରରୁ ୧୫୩ ଜଣ, ଝାରସୁଗୁଡ଼ାରୁ ୦୭ ଜଣ, କଳାହାଣ୍ଡିରୁ ୧୫ ଜଣ, କନ୍ଧମାଳ ଜିଲ୍ଲାରୁ ୨୦ ଜଣ. କେନ୍ଦ୍ରାପଡ଼ାରୁ ୧୧୯ ଜଣ, କେନ୍ଦୁଝରରୁ ୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୪୭୫ ଜଣ, କୋରାପୁଟରୁ ୬୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୯୩ ଜଣ, ନବରଙ୍ଗପୁରରୁ ୧୫ ଜଣ, ନୟାଗଡ଼ରୁ ୧୧୫ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୫୪ ଜଣ, ରାୟଗଡ଼ାରୁ ୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୨ ଜଣ, ସୋନପୁରରୁ ୧୮ ଜଣ, ସୁନ୍ଦରଗଡ଼ରୁ ୬୨ ଜଣ ଓ ଷ୍ଟେଟ୍ ପୁଲରୁ ୯୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆଗକୁ ସଂକ୍ରମଣ ଆହୁରି କମିବ : ଡିଏମଇଟି

ଭୁବନେଶ୍ୱର, ୫।୭(ପି.ଏନ): ରାଜ୍ୟରେ ସଂକ୍ରମଣ କମୁଛି, ଆଗକୁ ଆହୁରି କମିବ। ମହାମାରୀ ସଂକ୍ରମଣ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ହୁଏ ନାହିଁ। କିଛି ଜିଲ୍ଲାରେ ସଂକ୍ରମଣ ଅଧିକ ରହିଛି। ସେ ସବୁ ଜିଲ୍ଲାରେ ଧିରେ ଧିରେ କମିବ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି। କେନ୍ଦ୍ରୀୟ ବୈଷୟିକ ଟିମ୍ ଓଡିଶା ଗସ୍ତରେ ଆସିଛନ୍ତି । ସେମାନଙ୍କର ଯାହା ତଥ୍ୟ ଦରକାର ଯୋଗାଇ ଦେବୁ । ସେମାନେ ବୈଷୟିକ ଦିଗ ଦେଖିବେ। ରୋଗୀ ସଂକ୍ରମଣ ହେବା ପରେ ମୃତ୍ୟୁ ପର୍ଯ୍ୟନ୍ତ ଏକ ଗ୍ୟାପ ରହୁଛି । ଧିରେ ଧିରେ ମୃତ୍ୟୁ ସଂଖ୍ୟା କମିବ ବୋଲି କହିଛନ୍ତି ଡିଏମଇଟି।

# ଦରଦାମ୍ ବୃଦ୍ଧି ପ୍ରତିବାଦରେ ଆସନ୍ତା ୭ରୁ ୧୭ ଯାଏଁ କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର,୫।୭(ପି.ଏନ): ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବିରୁଦ୍ଧରେ ଆସନ୍ତା ୭ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ଦେଶ ତମାମ ପ୍ରତିବାଦ ଆନ୍ଦୋଳନ କରିବ ବୋଲଇ ପିସିସି ସଭାପତି ନିରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି ।ସୋମବାର ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଜୁଲାଇ ୭ ତାରିଖ (ବୁଧବାର)ରେ ପ୍ରତିବ୍ଲକ ସାମ୍ନାରେ ଲୋକେ ଝାଞ୍ଜ, ଘଂଟ ମାଡ କରି ପ୍ରତିବାଦ କରିବେ। ଜୁଲାଇ ୯ ତାରିଖରେ ଜିଲ୍ଲା ସଦର ମହକୁମାରେ ସାଇକେଲ ଯାତ୍ରା କରି ଏହାର ପ୍ରତିବାଦ ହେବ। ଜୁଲାଇ ୧୪ ତାରିଖରେ ରାଜ୍ୟସ୍ତରୀୟ ପ୍ରତିବାଦ, ଆନ୍ଦୋଳନ ମଧ୍ୟ ଆୟୋଜିତ ହେବ ଯେଉଁଥିରେ ରାଜ୍ୟ ନେତୃମଣ୍ଡଳୀ ଯୋଗ ଦେବେ। ଜୁଲାଇ ୧୫ ତାରିଖ ଦିନ ମହଙ୍ଗା ମାଡର ପ୍ରତିବାଦ ସ୍ୱରୂପ କୌଣସି ବି ପେଟ୍ରୋଲ ଟାଙ୍କିରୁ ପେଟ୍ରୋଲ ଓ ଡିଜେଲ ନପକାଇବା ଓ ସେହିଦିନ ରନ୍ଧନ ଗ୍ୟାସ ନକିଣିବା ପାଇଁ ଓଡିଶା ବାସୀଙ୍କୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି। ଜୁଲାଇ ୧୭ ତାରିଖ ଦିନ ସମସ୍ତ ପେଟ୍ରୋଲ ପମ୍ପ ସାମ୍ନାରେ ଦସ୍ତଖତ ଅଭିଯାନ ଆୟୋଜିତ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏତ୍ୟବ୍ୟତୀତ ଏଆଇସିସିର ନିର୍ଦ୍ଦେଶକ୍ରମେ ମାସ ବ୍ୟାପି ରାଜ୍ୟରେ ପ୍ରତ୍ୟେକ ବ୍ଲକ ଓ ପଂଚାୟତ ଠାରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ମାନେ ଘରକୁ ଘର ବୁଲି ଜନସାଧାରଣଙ୍କୁ ସଚେତନ କରାଇବା ସହିତ କଂଗ୍ରେସର ଆଭିମୁଖ୍ୟ ଲୋକଙ୍କ ପାଖରେ ପଂହଚାଇ ଜନଜାଗରଣ ସୃଷ୍ଟି କରିବେ। ଏହି ସମୟରେ କଂଗ୍ରେସ ନେତୃବୃନ୍ଦ କରୋନା ମହାମାରୀରେ ସଂକ୍ରମିତ ହୋଇଥିବା ଏବଂ ପ୍ରାଣ ହରାଇଥିବା ପରିବାର ବର୍ଗଙ୍କୁ ଭେଟିବା ସହିତ ତାଙ୍କର ସମସ୍ୟାକୁ ସଂପୂର୍ଣ୍ଣ ରୂପେ ବୁଝିବା ସହିତ ସମସ୍ତ ତଥ୍ୟ ସଂଗ୍ରହ କରି ପିସିସିକୁ ଦେଲେ ଏଆଇସିସିକୁ ପଠାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ମହଙ୍ଗାମାଡ ପ୍ରସଙ୍ଗ ସହିତ ଚାଷୀମାନଙ୍କ ଧାନ ବିକ୍ରି ନେଇ ସମସ୍ୟା ଓ ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟା ବିରୋଧରେ ମଧ୍ୟ ଏହି ପ୍ରତିବାଦ, ଆନ୍ଦୋଳନ ହେବ। କଂଗ୍ରେସ ଦଳର ସମସ୍ତ କର୍ମୀ ଓ ନେତା ତଥା ବିଭିନ୍ନ ଛାମୁଆ ସଂଗଠନ ଯଥା ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ସେବାଦଳ ତଥା ଅନ୍ୟାନ୍ୟ ବିଭାଗ ଓ ପ୍ରକୋଷ୍ଠ ମାନେ ଏହାକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାକୁ ମଧ୍ୟ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

# ସରକାରୀ ଯୋଜନା କାହାପାଇଁ, ଭଙ୍ଗାଘରେ ବିତୁଛି ଅନେକଙ୍କ ଜୀବନ

ନୂଆପଡା,୫।୭(ପି.ଏନ): ଖାଦ୍ୟ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ଲୋକଙ୍କ ମୌଳିକ ଆବଶ୍ୟତା ହୋଇଥିବା ବେଳେ ସରକାର ମଧ୍ୟ ଅନେକ ଯୋଜନା ମାଧ୍ୟମରେ ଏସବୁ ଲୋକଙ୍କୁ ଯୋଗାଇବାର ବ୍ୟବସ୍ଥା କରୁଛନ୍ତି । କିନ୍ତୁ ଅନେକ ଗରିବ ଓ ନିଃସହାୟ ଲୋକ ସବୁ ପ୍ରକାର ଯୋଗ୍ୟତା ସତ୍ୱେ ଏବେ ମଧ୍ୟ ତାହାର ସୁଫଳ ପାଉ ପାରୁନାହାନ୍ତି। ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ସକାଶେ ସରକାରଙ୍କ ଜନମଙ୍ଗଳ ଯୋଜନା ସବୁ ଫେଲ ମାରୁଛି। ବିଶେଷ କରି ଆବାସ ଯୋଜନାରେ ସବୁ ପରିବାର ସାମିଲ ହୋଇନପାରି ଭଙ୍ଗ ଦଦରା ଘରେ ଭାଗ୍ୟ ଆଦରି ପଡି ରହିଛନ୍ତି । ଏସଇସିସିରେ ନା ନଥିବା ଦର୍ଶାଇ ସେମାନଙ୍କୁ ଘର ଖଣ୍ଡେ ମଧ୍ୟ ଦିଆଯାଉନି। ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମର କଲେଜପଡାରେ ରହନ୍ତି ସୁବାସ ହଂସ ଓ ପରିବାର। ପରିବାର କହିଲେ ୭୦ ବର୍ଷିୟା ମାଁ ବୁଢି ନିଳାଦ୍ରୀ ହଂସ, ସ୍ତ୍ରୀ ସୁରେଖା ଓ ୨ ବର୍ଷର ଝିଅ ନିଆଁ। ଏହି ପରିବାରର ଦୁଃଖ କହିଲେ ନସରେ । ପୂର୍ବରୁ ଜାତୀୟ ରାଜପଥ ପାର୍ଶ୍ୱରେ ତାଙ୍କ ଘର ଥିଲା। ଖଡିଆଳ-ଭବାନୀପଟଣା ରାଜ୍ୟ ରାଜପଥ ପ୍ରଶସ୍ତିକରଣ ସମୟରେ ୨୦୧୦ ମସିହାରେ ତାଙ୍କ ଘରକୁ ଭାଙ୍ଗି ଦିଆଗଲା । କ୍ଷତିପୂରଣ ଯାହା ମିଳିଲା ସମୁଦ୍ରକୁ ଶଙ୍ଖେ ପରି । ସେ ସମୟରେ ବିଭାଗୀୟ ଅଧିକାରୀ ମାନେ ପ୍ରତିଶୃତି ଦେଇଥିଲେ ଇନ୍ଦିରା ଆବାସ ଖଣ୍ଡେ କରାଇ ଦେବେ ବୋଲି । କିନ୍ତୁ କେହି ଆଉ ଧରା ଛୁଆଁ ଦେଲେନି । ନିଜର ସମ୍ପର୍କୀୟଙ୍କ ଘରେ ୨/୩ ବର୍ଷ ରହିଲା ପରେ ଆଉ ଜଣକ ଘରେ ୬ ବର୍ଷ ରହିଲେ । ଉକ୍ତ ପରିବାର ଅସୁବିଧା ହେବାରୁ ତାଙ୍କୁ ରଖି ପାରିଲେ ନାହିଁ । ସୁବାସ ଏବେ ଚାଳଘର ଖଣ୍ଡେ ତିଆରି ରହୁଛନ୍ତି । ସ୍ଥାନାଭାବରୁ ବାହାରେ ରୋଷେଇ କରିବାକୁ ପଡେ । ଉପରେ ଜରି ଢଙ୍କା ଯାଇଛି, ବର୍ଷା ଦିନରେ ପାଣି ଗଳିବାରୁ ଝିଅ କାନ୍ଦିଲେ ତାକୁ ଅନ୍ୟ କାହାଘରକୁ ନେଇ କି ରହେ ବୋଲି କୋହଭରା କଣ୍ଠରେ କହନ୍ତି ସୁରେଖା । ଘର ଖଣ୍ଡେ ପାଇଁ ୧୦ ବର୍ଷ ହେଲା ପଂଚାୟତ ଠାରୁ ଜିଲା ପ୍ରଶାସନ ପାଖକୁ ଯାଉଁଛନ୍ତି ସୁବାସ । କିନ୍ତୁ ପ୍ରତିଶୃତି ଛଡା କିଛି ମିଳୁନି। ଏସଇସିସି ଡାଟାରେ ନାମ ନଥିବା କହି ହାତ ଟେକି ଦେଉଛନ୍ତି ସରପଂଚ ଭଗତରାମ ମେହେର । ନୋଡାଲ ଅଫିସର ହରେକୃଷ୍ଣ ବାରିକଙ୍କୁ ପଚାରିବାରୁ ତାଙ୍କ ନାମ ଏବେ ଯୋଗ କରାଯାଇଛି ଓ ଶିଘ୍ର ଘର ଯୋଗାଇ ଦିଆଯିବ ବୋଲି କହିଥିଲେ । ସେହିପରି ଉକ୍ତ ପଡାର ଦ୍ରୋପଦୀ ପଟେଲ ୬ ମାସ ତଳେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ସ୍ଥଳେ ତାଙ୍କୁ ନା ବିଧବା ଭତା ମିଳୁଛି ନା ମିଳିଛି ପରିବାର ଯୋଜନାରେ ସହାୟତା। ୨ ବର୍ଷ ତଳେ ତାଙ୍କ ସ୍ୱାମୀ ଶ୍ୟାମସୁନ୍ଦର ପଟେଲ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିଲେ । କୁଲି ମଜରୀ କରି ରଖିଥିବା ସବୁ ଅର୍ଥ ଖର୍ଚ୍ଚ ହୋଇଥିଲେ ସୁଦ୍ଧା ସ୍ୱାମୀଙ୍କ ଜୀବନ ବଂଚି ପାରିନଥିଲା । ଏବେ ଝିଅ ଦ୍ରୋପଦୀ ଓ ସଜନୀଙ୍କ ସହ ଏକ ଭଙ୍ଗା ଇଟା ଘରେ ରହୁଛନ୍ତି । ଘର ଛାତର ଗୋଟିଏ ଅଂଶ ଭାଙ୍ଗିବାକୁ ବସିଲାଣି । ଟଙ୍କା ଅଭାବରୁ ମରାମତି କରି ହେଉନାହିଁ। ବର୍ଷା ଦିନରେ ପଡୋଶିଙ୍କ ଘର ବାରଣ୍ଡାକୁ ଉଠି ଯାଆନ୍ତି ମାଁ ଝିଅ। ସଜନୀ ଅନଲାଇନ କ୍ଲାସ କରିବାକୁ ମୋବାଇଲ ଖଣ୍ଡେ କିଣି ପାରୁନାହାନ୍ତି। ନୋଡାଲ ଅଫିସର ଶ୍ରୀବାରିକ ଯଥା ଶିଘ୍ର ସବୁ ସୁବିଧା ଯୋଗାଇ ଦେବେ ବୋଲି କହୁଛନ୍ତି । ସେହିପରି ତୁକୁଲା ପଂଚାୟତର ଖଇରଭାଡି ଗ୍ରାମର ନିକୁଞ୍ଜ ଶଗରିଆ ୧୦ ବର୍ଷ ତଳେ ତାଙ୍କ ଘର ଭାଙ୍ଗିଯିବାରୁ ବର୍ତମାନର ତୁକଲା ସରପଂଚ ଭରତରାମ ମେହେରଙ୍କ ଖଳାରେ ଥିବା ଏକ ଛୋଟଘରରେ ରହୁଥିଲେ। ଏସମୟରେ ତାଙ୍କ ସ୍ତ୍ରୀ ମନ୍ଦାରଙ୍କ ମସ୍ତିଷ୍କ ବିକୃତି ଘଟିବାରୁ ବିଭିନ୍ନ ଡାକ୍ତରଖାନା ରେ ଚିକିତ୍ସା କରି ସର୍ବସ୍ୱାନ୍ତ ହୋଇଗଲେ । ମନ୍ଦାର କିନ୍ତୁ ଭଲ ହେଲେନି ଓ ଏବେ ନିଜ ମାଁ ଘରେ ରହୁଛନ୍ତି । ଏତିକିରେ ଦୁଃଖ ସରିଲାନି। ନିକୁଞ୍ଜ ରହୁଥିବା ଖଳା ଘର ଭାଙ୍ଗିଗଲା । କିଛି ଦିନ ପରେ ତାଙ୍କର ଏକମାତ୍ର ଝିଅ କାହା ସହିତ ଫେରାର ହୋଇଗଲା । ଅସହାୟ ଭାବରେ ନିଜ ଭାଗ୍ୟକୁ ଆଦରୀ ନିକୁଞ୍ଜ ଏବେ ଛୋଟ ଘର ଖଣ୍ଡର ତିଆରି କରି ରହୁଛନ୍ତି । ଘରର ଛାତ ପଡିନି କି କବାଟ ଲାଗିନାହିଁ। କୁଲି ମଜୁରି କରି ପେଟ ପୋଷୁଥିବା ନିକୁଞ୍ଜ ଦିନେ କାମକୁ ନଗଲେ ଉପାସରେ ରହିବାକୁ ପଡେ। ଆହା କରିବାକୁ କେହିନାହିଁ । ନିଷ୍ଠୁର ପ୍ରଶାସନ ସବୁ ଜାଣି ଚୁପ ରହୁଛି । ବଡବଡିଆଙ୍କ ହାତ ବାରିସି ସାଜିଥିବା ପ୍ରଶାସନ ଓ ରାଜନେତା କେବେ ସୁବାସ, ଦ୍ରୋପଦୀ ଓ ନିକୁଞ୍ଜଙ୍କ ପରି ଲୋକଙ୍କ ଦୁଃଖ ବୁଝିବେ ଦେଖିବାକୁ ବାକି ରହିଲା।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଭୂତଙ୍କ ମେଳା



ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଇ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

# ପୁରାଣ କାହାଣୀ

## ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣମାର ନାଁ ପଣ୍ଡୁ ପୂର୍ଣ୍ଣମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି



ଲିପାଯାଏ। ଚିତା ଓ ମୁରୁଜ ତା’ ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ। ହଂକଂ ୟୁନିଭରସିଟିର ସହାୟକ ପ୍ରଫେସର ଡା. ଶିୟାଂଗ୍ରୁ ଝାଂଗଙ୍କ ଅନୁସାରେ ଖାଦ୍ୟ ବନାଇବା ସମୟରେ ସୃଷ୍ଟି ହେଉଥିବା ଆଇ-ଡିବିପି ପର୍ଯ୍ୟାବରଣୀୟ ରସାୟନବିଦ୍ ଓ ଇଞ୍ଜିନିୟର ମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ। ତେଣୁ ଗବେଷକମାନେ ବିଭିନ୍ନ ପାଇପ ପାଣିକୁ ବିଭିନ୍ନ ତାପମାତ୍ରାରେ ରଖି ସେଥିରେ ଆୟୋଡ଼ିନ୍ ଲୁଣ ମିଶାଇ ପରୀକ୍ଷା କରିଥିଲେ। ଅତି ଆଧୁନିକ ପ୍ରକ୍ରିୟା ବ୍ୟବହାର କରି ସେମାନେ ସେଥିରୁ ୧୪ ଅଣୁକୁ ଚିହ୍ନିପାରିଥିଲେ ଯାହା ୫୦-୨୦୦ଗୁଣା ଅଧିକ କ୍ଷତିକାରକ।

## ଅନିଦ୍ରାର କୁପ୍ରଭାବ



ନିଦ ନ ଆସିବାର ସମସ୍ୟାକୁ ଏକ ସାଧାରଣ କଥା ଭାବିବା ଉଚିତ୍ ନୁହେଁ। ଏଥିରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି କମ୍ ହେବାର ଆଶଙ୍କା ରହିଥାଏ। ଅକ୍ସଫୋର୍ଡ୍ ୟୁନିଭରସିଟିର ରିସର୍ଚ୍ଚକର୍ତ୍ତାଙ୍କ ମତାନୁସାରେ ନିଦ ମସ୍ତିଷ୍କର ଘର ଜଗୁଆଳ ସଦୃଶ ଯାହା ମସ୍ତିଷ୍କର ମରାମତି କାର୍ଯ୍ୟ କତରିଥାଏ। ଏଥିପାଇଁ ରିସର୍ଚ୍ଚକର୍ତ୍ତାମାନେ ମସ୍ତିଷ୍କ ସହ ଅନିଦ୍ରାର କ’ଣ ସମ୍ପର୍କ ରହିଛି ତା’ଉପରେ ରିସର୍ଚ୍ଚ କରିଥିଲେ। ଅଧ୍ୟୟନରୁ ଜଣା ପଡ଼ିଥିଲା ନିଦ ନ ହେବା ଜଟିଳତା ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ପାଖରେ ଦେଖାଯାଏ। ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନର ଆଠ ଘଣ୍ଟାର ପର୍ଯ୍ୟାପ୍ତ ନିଦ୍ରା ଜରୁରୀ। ଅନିଦ୍ରା ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ତାଙ୍କର ଖାଦ୍ୟପେୟକୁ ଧ୍ୟାନରେ ରଖିଲେ ଏହି ଅନିଦ୍ରା ସମସ୍ୟାରୁ ନିଜକୁ ବଞ୍ଚାଇପାରିବେ।




# ଜଷ୍ଟିସ ବୋବଡେଙ୍କ ବକ୍ତବ୍ୟ ଏବଂ ଆମ୍ବେଦକର ଓ ସଂସ୍କୃତ ଭାଷା ଉପରେ ବିତର୍କ

••••••••••ଡ. ସମନ୍ୱୟ ନନ୍ଦ••••••••••

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶରତ ବୋବଡେ ଡ. ଆମ୍ବେଦକରଙ୍କ ଜୟନ୍ତୀ ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ





କହିଥିଲେ ଯେ ଭାରତରତ୍ନ ଡ. ଆମ୍ବେଦକର ଚାହୁଁଥିଲେ ଯେ ସଂସ୍କୃତ ଦେଶର ରାଜଭାଷା ହେଉ । ଏହାକୁ ନେଇ ସେ ଅନେକ ପ୍ରୟାସ କରିଥିଲେ । ହେଲେ ତାଙ୍କର ପ୍ରୟାସ ସଫଳ ହୋଇ ପାରି ନ ଥିଲା । ସେ ନାଗପୁର ସ୍ଥିତ ମହାରାଷ୍ଟ୍ର ଲ ୟୁନିଭର୍ସିଟିର ଏକାଡେମିକ ବିଲ୍ଡିଂର ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଅବସରରେ ସେ ଏହା କହିଛନ୍ତି ।

ନ୍ୟାୟମୂର୍ତ୍ତି ବୋବଡେ ଯାହା କହିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ହେଲେ ତାଙ୍କର ଏହି ବକ୍ତବ୍ୟ ପରେ ପୁଣି ଥରେ ସଂସ୍କୃତ ବିରୋଧୀ ତଥା ଭାରତ ବିରୋଧୀ ଲବି ସକ୍ରିୟ ହୋଇଯାଇଛି ଓ ଏହାକୁ ଭୁଲ ବୋଲି ପ୍ରମାଣିତ କରିବାକୁ ଯାଇ ବିଭିନ୍ନ ପ୍ରକାର ଅପପ୍ରଚାର ଆରମ୍ଭ କରି ଦେଲେଣି ।

ଏହି ଆଲେଖ୍ୟରେ ଆମେ ବାବା ସାହେବ ସଂସ୍କୃତକୁ କେତେ ଭଲ ପାଇଥିଲେ ତା' ଉପରେ ଆଲୋଚନା କରିବା । ଆମ୍ବେଦକରଙ୍କର ସଂସ୍କୃତ ଭାଷା ପ୍ରତି ଗଭୀର ପ୍ରେମ ଥିଲା । କିନ୍ତୁ ସେ ତଥାକଥିତ ଅସ୍ପୃଶ୍ୟ ବର୍ଗରେ ଜନ୍ମ ନେଇଥିବା କାରଣରୁ ତାଙ୍କୁ ସଂସ୍କୃତ ପଢିବାକୁ ଦିଆଯାଇ ନ ଥିଲା । ସଂସ୍କୃତରେ ପାରଙ୍ଗମ ହେବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା । ପରବର୍ତ୍ତୀ ସମୟରେ ସେ ନିଜ ଚେଷ୍ଟାରେ ସଂସ୍କୃତ ଶିଖିଥିଲେ । ସଂସ୍କୃତର ଅପାର ଜ୍ଞାନ ଭଣ୍ଡାର ଓ ଉତ୍କୃଷ୍ଟ ସାହିତ୍ୟ ସମ୍ପର୍କରେ ତାଙ୍କର ଭଲ ଜ୍ଞାନ ଥିଲା ।

ଡ. ଆମ୍ବେଦକରଙ୍କର ସଂସ୍କୃତ ଶିଖିବା ଇଚ୍ଛା ସମ୍ପର୍କରେ ତାଙ୍କର ଜୀବନୀ ଲେଖକ ଧନଂଜୟ କୀର ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି-ବାବାସାହେବ ଅନେକ ଥର କହୁଥିଲେ ଯେ ସଂସ୍କୃତ ଭାଷାର ଅଭିମାନ ଥିବା କାରଣରୁ ତାଙ୍କୁ ସଂସ୍କୃତ ଭାଷା ଭଲ ଭାବେ ଆସିବା ଦରକାର, ଏହି ଅଭିଳାଷ ତାଙ୍କର ରହିଥିଲା । ତେବେ ଦେଖିବାକୁ ପଡିବ ଏହି ସୁଦିନ କେବେ ଆସିବ! **(ଡ. ବାବାସାହେବ ଆମ୍ବେଦକର, ପୃଷ୍ଠା-୨୨ ପରିଶିଷ୍ଟ ୧)**

ଖୁବ କମ୍ ଲୋକଙ୍କୁ ଜଣା ଯେ ସମ୍ବିଧାନ ସମିତିରେ ଜାତୀୟ ଭାଷା ଓ ରାଜ୍ୟ ବ୍ୟବହାର ପାଇଁ ଅଧିକୃତ ଭାଷା ସହିତ ସମ୍ପର୍କିତ ଅନୁଚ୍ଛେଦରୁ ସଂସ୍କୃତକୁ ଜାତୀୟ ଓ ରାଜ୍ୟ ବ୍ୟବହାରର ଭାଷା ଭାବେ ରଖିବା ପାଇଁ ସୁପାରିଶ କରାଯାଇଥିଲା । ଯେଉଁମାନେ ଏଭଳି ସୁପାରିଶ କରିଥିଲେ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ମୈତ୍ର, ଟି.ଟି. କୃଷ୍ଣମାଚାରୀ, ଡା. ବାଳକୃଷ୍ଣ କେସକର (ତତ୍କାଳୀନ ବୈଦେଶିକ ଉପମନ୍ତ୍ରୀ), ପ୍ରୋଫେସର ନଜିରୁଦ୍ଦିନ ଅହମଦ, ଡ. ଆମ୍ବେଦକର ତଥା ମାଡ୍ରାସ, ତ୍ରିପୁରା-ମଣିପୁର-କୁର୍ଗ ପ୍ରାନ୍ତର ସଦସ୍ୟମାନେ ଥିଲେ ।

ଯେତେବେଳେ ଏ ସମ୍ପର୍କରେ ସାମ୍ବାଦିକମାନେ ଡ. ଆମ୍ବେଦକରଙ୍କୁ ପଚାରିଥିଲେ ସେତେବେଳେ ସେ କହିଥିଲେ – ସଂସ୍କୃତରେ କ'ଣ ଦୋଷ ରହିଛି ? ପ୍ରୋ. ନଜିରୁଦ୍ଦିନ କହିଥିଲେ ଯେ-ଡବଲ୍ୟୁ ସି.ଟେଲର, ମ୍ୟାକ୍ସମୁଲର, ଉଇଲିୟମ ଜୋନ୍ସଙ୍କ ପରି ପାଶ୍ଚାତ୍ୟ ବିଦ୍ୱାନମାନଙ୍କୁ ଉଦ୍ଧୃତ କରି ସଂସ୍କୃତ ଭାଷାର ଅତୁଳନୀୟ ସମୃଦ୍ଧି ଓ ଶୁଦ୍ଧତା ସମ୍ପର୍କରେ କହି ଏହା ଲାଟିନ ଓ ଗ୍ରୀକ୍ ଭାଷା ଠାରୁ କେତେ ଶ୍ରେଷ୍ଠ, ତା'ର ପ୍ରମାଣ ଦେଇଥିଲେ ।

ଏହି ଅବସରରେ ଲକ୍ଷ୍ମୀକାନ୍ତ ମୈତ୍ର ଏହି ସଂଶୋଧନକୁ ଜୋରଦାର ସମର୍ଥନ କରି ଆଉ ଏକ ପ୍ରସଙ୍ଗ ଉଠାଇଥିଲେ । ସେ କହିଥିଲେ ଯେ ହିନ୍ଦୀ ଭଳି କୌଣସି ବିଶିଷ୍ଟ ରାଜ୍ୟର ଭାଷାକୁ ଜାତୀୟ ଭାଷାର ମାନ୍ୟତା ପ୍ରଦାନ କଲେ ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଯେଉଁ ସନ୍ଦେହ ଓ କଟୁତା ଜିଆଇ ହେବାର ଆଶଙ୍କା ରହିଛି, ସଂସ୍କୃତକୁ ଏହା ସ୍ଥାନରେ ରଖିଲେ ଉକ୍ତ ସନ୍ଦେହ ଓ କଟୁତାକୁ ଦୂର କରାଯାଇ ପାରିବ । ସଂସ୍କୃତକୁ ତା'ର ଉପଯୁକ୍ତ ମାନ୍ୟତା ଦେଇ ଆମେ ବିଶ୍ୱକୁ ଜଣାଇ ଦେଇପାରିବା ଯେ ଆମେ ଆମର ଅତୀତର ବୈଭବକୁ କେତେ ଆଦର ଓ ସମ୍ମାନ କରୁଛୁ ଏବଂ ସମଗ୍ର ବିଶ୍ୱକୁ ଆମର ପ୍ରାଚୀନ ସଂସ୍କୃତିର ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ ପାଇଁ ଇଚ୍ଛା କରୁଛୁ । ସଂସ୍କୃତକୁ ସ୍ୱୀକାର କରି ଆମେ ଭାବୀ ପିଢ଼ୀର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରି ପାରିବା ।



ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଡ. ଆମ୍ବେଦକରଙ୍କ ଦ୍ୱାରା ସଂସ୍କୃତ ଭାଷା ସମ୍ପର୍କରେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ସ୍ୱୀକାର କରାଯାଇ ନ ଥିଲା । ସଂସ୍କୃତ ଭାଷାକୁ କେବଳ ଅଷ୍ଟମ ଅନୁସୂଚୀରେ ଏକ ଭାରତୀୟ ଭାଷାର ମାନ୍ୟତା ଦିଆଯାଇଥିଲା ।

ଡ. ଆମ୍ବେଦକରଙ୍କର ଇଚ୍ଛା ଥିଲା ଯେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ବିଷୟରେ ୧୦ ଡିସେମ୍ବର ୧୯୪୯ରେ ତାଙ୍କର ସଂଗଠନ ଶେଡ଼ୁଲ୍ କାମଗାର ସଙ୍ଗଠନର କାର୍ଯ୍ୟକାରୀ ମଣ୍ଡଳରେ ଏକ ପ୍ରସ୍ତାବ ଗୃହୀତ କରାଯାଉ । କିନ୍ତୁ ସେତେବେଳେ ବି.ପି. ମୌର୍ଯ୍ୟଙ୍କ ପରି ଯୁବ ସଦସ୍ୟମାନଙ୍କର ବିରୋଧ କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା । ଏହି ଘଟଣାର ଦୀର୍ଘଦିନ ପରେ ବି.ପି. ମୌର୍ଯ୍ୟ ଦୁଃଖ ପ୍ରକଟ କରି କହିଥିଲେ ଯେ ସେତେବେଳେ ସେ ଡ. ଆମ୍ବେଦକରଙ୍କର ସଂସ୍କୃତ ଭାଷା ସମ୍ପର୍କିତ ପ୍ରସ୍ତାବର ବିନା କୌଣସି କାରଣରେ ବିରୋଧ କରିଥିଲେ । ଡ. ଆମ୍ବେଦକରଙ୍କ ସ୍ପଷ୍ଟ ମତ ଥିଲା ଯେ ସଂସ୍କୃତକୁ ରାଜଭାଷା କଲେ ଦେଶର କୌଣସି ଭାଷାଭାଷୀ ଲୋକମାନେ ଏହାକୁ ବିରୋଧ କରିବେ ନାହିଁ ତଥା ଏହା ଦେଶକୁ ଏକ କରିବାରେ ସଫଳ ହେବ । ତେବେ ଏହା ଭିନ୍ନ ବିଷୟ ଯେ ଡ. ଆମ୍ବେଦକର ଏହି ପ୍ରୟାସ ସଫଳ ହୋଇ ପାରି ନ ଥିଲା ।

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବୋବଡେ ପୁଣି ଥରେ ଆମ୍ବେଦକର ଜୟନ୍ତୀ ଅବସରରେ ତାଙ୍କର ସଂସ୍କୃତ ଭାଷାକୁ ସେ କିପରି ରାଜଭାଷା କରିବାକୁ ଚାହୁଁଥିଲେ ସେହି ପ୍ରସଙ୍ଗକୁ ଉଠାଇ ଏକ ଭଲ କାମ କରିଛନ୍ତି । ଏହାଦ୍ୱାରା ଯଦିଓ ନିଜକୁ ଲିବେରେଲ-ସେକୁଲାର କହୁଥିବା ଲୋକମାନେ ତାଙ୍କୁ ଭୁଲ କହୁଥିବା ଅଭିଯୋଗ କରୁଛନ୍ତି ତଥାପି ସେ ସଂସ୍କୃତ ଭାଷାର କେତେ ମହତ୍ୱ ରହିଛି ଓ ଆମ୍ବେଦକର ଏହାକୁ କିପରି ବୁଝିଥିଲେ ଏହାକୁ ନେଇ ବିତର୍କ ପୁଣି ଥରେ ଆରମ୍ଭ ହୋଇପାରିଛି । ପୁଣି ଥରେ ଲୋକମାନେ ଆମ୍ବେଦକରଙ୍କ ଭାଷଣ, ତାଙ୍କର ଲେଖା ପଢିବା ଆରମ୍ଭ କଲେଣି । ଏହି ବିତର୍କକୁ ପୁଣି ଥରେ ଆରମ୍ଭ କରାଇଥିବାରୁ ମୁଖ୍ୟ ନ୍ୟାୟାଧୀଶ ବୋବଡେଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ ।

# ପିଲାଙ୍କ ପାଠପଢାରେ ଅଭିଭାବକଙ୍କ ଦାୟିତ୍ୱ

ସନ୍ଧ୍ୟାବେଳେ ମୁଁ ବଜାରରୁ ଫେରୁଥିଲି । ଅଚାନକ ପହଲି ବାବୁ ବାଟରେ ଦେଖାହେଲେ । ହସି ହସି ସେ କହିଲେ "ବହୁ ଦିନ ପରେ ଦେଖା ହେଲା । କ'ଣ ଭଲ ଅଛନ୍ତି ତ? ମୁଁ କହିଲି ହଁ ଏ "କୋଭିସିଲଡ" ଟିକା ନେଇ ଫେରୁଛି । ମିଳାମିଶା, ଦେଖାଚାହିଁ, ହସଖୁସି ସବୁତ ଛଡେଇ ନେଲା ଏ କରୋନା । ପୁଣି ବି ଦ୍ୱିତୀୟ ଲହର ମାଡି ଆସିଲାଣି । ଦେଖାଯାଉ କ'ଣ ହେଉଛି ?




ପହଲିବାବୁ କହିଲେ ଆଉ ସେ କଥା କୁହନ୍ତୁନି ଆଜ୍ଞା । ବ୍ୟବସାୟ ଯାହା କ୍ଷତିରେ ଚାଲିଛି ଛାଡ । ସବୁଠାରୁ ବଡ କ୍ଷତି ମୋ ଝିଅ ଆଦୌ ପାଠ ପଢୁନି । ବଡଭାଇ ଝିଅ ଡାକ୍ତରି ପାସ କରି ସରକାରୀ ମେଡିକାଲରେ ଚାକିରି କରୁଛି । ହେଲେ ମୋ ଭାଗ୍ୟ ତ ଖରାପ । ମୁଁ ମୋ ଝିଅକୁ ଆମ ଅଞ୍ଚଳର ସବୁଠାରୁ ଭଲ ଇଂରାଜୀ ମିଡିୟମ ସ୍କୁଲରେ ଆଡମିସନ୍ କରିଥିଲି । ଦୁଇ ଦୁଇଟା ଟ୍ୟୁସନ ମଧ୍ୟ ଯୋଗାଇଦେଇଛି । ହେଲେ ପାଠପଢାଟା ଆଶାନୁରୂପକ ହୋଇପାରୁନି । ମୁଁ କହିଲି ପଇସା ଦେଇ ପାଠ କିଣାଯାଇ ପାରେନା । ଆଉ ସହଜେ ଏ କରୋନା ସମୟରେ ଅନ ଲାଇନ କ୍ଲାସ ଚାଲୁଛି । ସେଥିପାଇଁ ସାରା ବିଶ୍ୱରେ ପିଲାମାନଙ୍କର ପାଠପଢା ଠିକ୍ ଭାବରେ ଚାଲିପାରୁନି ।

ହେଲେ ଆପଣ ଜଣେ ସଚେତନ ଅଭିଭାବକ ଭାବେ ଆପଣ ନିଜେ ନିଷ୍ଠାର ସହିତ କେତେ ସମୟ ଆପଣଙ୍କ କନ୍ୟାପାଇଁ ଦେଇଛନ୍ତି । ଯଦି ଦେଇନାହାନ୍ତି ଆଶା କରିବାଟା ହିଁ ନିରର୍ଥକ । ପହଲିବାବୁ ମୋ ପ୍ରଶ୍ନରେ ଖୁସି ନଥିଲେ । ଆଉ ସେ କହିଲେ ଯେଉଁ ପିତାମାତାମାନେ ମୂର୍ଖ ସେମାନେ କ'ଣ ସେମାନଙ୍କ ପିଲାଙ୍କୁ ପଢାଇପାରନ୍ତି ? ସେମାନେ ଘରେ ରହି ଭଲ ପାଠ ପଢି ବଡ ବଡ ଅଫିସର କେମିତି ହେଉଛନ୍ତି ! ମୁଁ କହିଲି ପାଠପଢା ପାଇଁ ସୁନ୍ଦର ବାତାବରଣ ଆବଶ୍ୟକ । ଆଉ ପାଠ ପଢାଇବାଠାରୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ସବୁଠାରୁ ବଡ କଥା ।

କେତେକ ବିଶ୍ୱପ୍ରସିଦ୍ଧ ଗୁରୁ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କ ମନରେ ଘୋର ପରିବର୍ତ୍ତନ ଆଣିଥିଲେ । ସେମାନଙ୍କ ଚରିତ୍ର ନିର୍ମାଣ କରିବା ସଙ୍ଗେ ସଙ୍ଗେ ସ୍ୱୟଂସମ୍ପନ୍ନ ମନୁଷ୍ୟ ରୂପେ ଗଢିତୋଳିଥିଲେ । ସେମାନେ ହେଲେ ଗୁରୁ ରାମ ଦାଶ (ଶିବାଜୀ), ଚାଣକ୍ୟ (ଚନ୍ଦ୍ରଗୁପ୍ତ), ରାମକୃଷ୍ଣ ପରମହଂସ (ବିବେକାନନ୍ଦ), ଆରିଷ୍ଟୋଟଲ (ଆଲେକଜାଣ୍ଡାର) ଓ ମାଥୁ ଲେଏର (ଏପିଜେ ଅବଦୁଲ କଲାମ)ଙ୍କୁ ବିଶ୍ୱର ସଫଳତା ଆଣି ଦେଇଥିଲେ ।

ଏପିଜେ ଅବଦୁଲ କଲାମ "ଏ ଉଇଙ୍ଗସ ଅଫ ଫାୟାର"ରେ ଲେଖିଥିଲେ- ଯେତେବେଳେ ତାଙ୍କୁ ପାଞ୍ଚ ବର୍ଷ ହୋଇଥିଲା ସେତେବେଳେ ତାଙ୍କ ପ୍ରାଇମେରି ଶିକ୍ଷକ 'ମାଥୁ ଲେଏର' ଆଗକୁ ଯିବାର ଦିଗ୍‌ଦର୍ଶନ ଦେଇଥିଲେ । ମହାବୀର ଫୋଗାଟ ରେସିଲଙ୍ଗ ଚମ୍ପିଆନ୍ ହେବାକୁ ଚାହିଁ ଅସଫଳ ହୋଇଥିଲେ । ହେଲେ ସେ ତାଙ୍କ କନ୍ୟାକୁ ଏଭଳି ପ୍ରଶିକ୍ଷଣ ଦେଲେ ଗୀତା ଓ ବବିତା ବିଶ୍ୱପ୍ରସିଦ୍ଧ ରେସଲରର ସୁନାମ ଅର୍ଜନ କରିପାରିଥିଲେ । ଭାରତର ୧୫ ବର୍ଷ ବାଳିକା ପାଇଲଟ୍ ରୂପେ ଆୟେସା ଅଜିଦ ସୁନାମ ଅର୍ଜନ କରିଛନ୍ତି । ଗିନିସ ବୁକ ଅଫ୍ ୱାଲଡ ରେକଡ୍ ଅନୁଯାୟୀ ବିଶ୍ୱର ସବୁଠାରୁ କମ୍ ବର୍ଷର ଡାକ୍ତର ରୂପେ ବାଲ ମୁରାଲି ଅମ୍ବାଟି ମାତ୍ର ୧୮ ବର୍ଷ ବୟସରେ ଏ ସଫଳତା ହାସଲ କରିପାରିଥିଲେ । ତାଙ୍କ ବାପା ତାମିଲନାଡୁର ଭେଲୋରରେ ଇଞ୍ଜିନିଅର ଓ ମା' ଗଣିତ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ । ସଫଳତା ପାଇଁ ଅମ୍ବାଟି ତାଙ୍କ ବାପା ମା'ଙ୍କୁ ଶ୍ରେୟ ଦିଅନ୍ତି । ତେଣୁ ପହଲିବାବୁ ପାଠପଢା ପାଇଁ କୋଠାଘର, ଏସି ରୁମ୍, ସୋଫା ସେଟ୍, ଟେଲିଭିଜନ, ମଡନ୍ ବାଇକର ଆବଶ୍ୟକତାଠାରୁ ଶାନ୍ତ ସୁନ୍ଦର କୋଳାହଳମୁକ୍ତ ବାତାବରଣ ଦରକାର । ନିନ୍ଦା ଅପେକ୍ଷା ପ୍ରଶଂସା, ଅନାଦର ଅପେକ୍ଷା ଆଦର । ସମାଲୋଚନା ଅପେକ୍ଷା ପିଲାମାନେ ଏକାନ୍ତରେ ଗଠନମୂଳକ ଆଲୋଚନାକୁ ପସନ୍ଦ କରନ୍ତି । ତେଣୁ ନିରୁତ୍ସାହିତ କରିବା ପରିବର୍ତ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।

ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ପତ୍ରପତ୍ରିକା, ବଡଲୋକଙ୍କ ଜୀବନି, ଡ୍ରଇଙ୍ଗ ବୁକ୍, କଲର ପେନସିଲ ଆଦି ପିଲାମାନଙ୍କୁ ଯୋଗାଇ ଦିଅନ୍ତୁ । ତା'ସହିତ ତା'ର ସୁବିନିଯୋଗ ପ୍ରତି ଧ୍ୟାନ ଦିଅନ୍ତୁ ।

ଅବସର ସମୟରେ ଚିତ୍ର ଆଙ୍କିବା, ଗଳ୍ପ, କବିତା, ପ୍ରବନ୍ଧ ଲେଖିବାକୁ ପିଲାମାନଙ୍କୁ ପ୍ରେରଣା ଦିଅନ୍ତୁ । ଏତଦ୍‌ବ୍ୟତିତ ସେଗୁଡିକୁ ସମ୍ବାଦପତ୍ରର ଶିଶୁ ସାହିତ୍ୟ ବିଭାଗକୁ ବା ଭିନ୍ନ ଭିନ୍ନ ଶିଶୁ ଓ କିଶୋର ମାଗାଜିନ୍‌କୁ ପଠାନ୍ତୁ । ଏହାଦ୍ୱାରା ପିଲାମାନଙ୍କର ସୃଜନଶୀଳତା ବୃଦ୍ଧି ପାଇବ । ପିତାମାତାଙ୍କ ଆଚରଣ ଓ ବ୍ୟବହାର ପିଲାମାନଙ୍କ ଉପରେ ବହୁଳ ପ୍ରଭାବ ପକାଏ । ଘର ପରିବେଶକୁ ଗାଳିଗୁଲଜ ଓ ପାଟିତୁଣ୍ଡଠାରୁ ଦୂରେଇ ରଖିବା ଉଚିତ । ଅଭିଭାବକମାନେ ଟିଭିଦେଖା କମ୍ କରି ବିଭିନ୍ନ ବହି ପଢିଲେ ଏକ ଶିକ୍ଷାର ମହଲ ସୃଷ୍ଟି କରିବ । ପିଲାମାନଙ୍କୁ ମଧ୍ୟ ବଡ ଲୋକ ଜୀବନୀ ଓ ସଫଳତାର ମାର୍ଗ ବିଷୟରେ ଜଣାଇବା ଦରକାର । ଏପରି କଲେ ସେମାନଙ୍କର ପଠନ ଓ ଲିଖନ ପ୍ରତି ଆଗ୍ରହ ସୃଷ୍ଟି ହେବ ।

ଅନ୍‌ଲାଇନ କ୍ଲାସ ପାଇଁ ବ୍ୟବହୃତ ହେଉଥିବା ମୋବାଇଲ ବ୍ୟବହାର ଅପବ୍ୟବହାର ପ୍ରତି କଡା ନଜର ଦେବା ଉଚିତ । ବିଶେଷ ଧ୍ୟାନ ଦିଅନ୍ତୁ ସର୍ବୋତ୍ତମ ବ୍ୟବହାର ଯେପରି ହୋଇପାରେ ।

ପାଠ ପଢିବାର ମୂଳ ଉଦ୍ଦେଶ୍ୟ ଖାଲି ବଡ ଅଫିସର ନୁହେଁ ଜଣେ ଭଲ ମଣିଷ ହେବା ଦରକାର । ସେଥିପାଇଁ ଚରିତ୍ର ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ସୁନ୍ଦର ମନ ହେଲେ ସୁନ୍ଦର ବ୍ୟବହାର ହେବ । ସୁନ୍ଦର ବ୍ୟବହାର ହେଲେ ସମସ୍ତେ ଆଦର କରିବେ । ସେଥିପାଇଁ କହନ୍ତି- ***"ନମ୍ରନ୍ତି ଗୁଣିନା ଜନାଃ/ନମନ୍ତି ଫଳିନା ବୃକ୍ଷା ।"*** ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାକୁ ପଡିବ । ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାକୁ ପଡିବ । ତେଣୁ ଅଭିଭାବକମାନେ ନିଜ ପିଲାମାନଙ୍କ ଭିତରେ ଛୁପି ରହିଥିବା ସୁଗୁଣାବଳୀର ସନ୍ଧାନ କରନ୍ତୁ । ଯଦି ତାହାର ବିକାଶ ହୋଇପାରିବ, ନିଶ୍ଚିତ ଭାବରେ ଆପଣ ଖୁସି ହେବେ । ତେଣୁ ପହିଲେ ଆପଣ ଆପଣଙ୍କ ପିଲାର ଜ୍ଞାନକୌଶଳ ବୃଦ୍ଧି କରିବା ପାଇଁ ଚେଷ୍ଟା କରନ୍ତୁ । ଦେଖିବେ ସଫଳତାର ଶୀର୍ଷରେ ଥିବେ ଆପଣଙ୍କ ପିଲାମାନେ । ନିଶ୍ଚିତ ରୂପେ ଆପଣ ଖୁସି ହେବେ । ତେଣୁ କଥାରେ କହନ୍ତି-ସତ୍‌ଚେଷ୍ଟା ଓ ନିରବଚ୍ଛିନ୍ନ ସାଧନା ସଫଳତା ଆଣିଦେବାରେ ସହାୟକ ହୁଏ ।

**ଅକ୍ଷୟ ପଣ୍ଡା, ଆଳି, ଲୋକାପଡା,**
**ମୋ: ଫୋନ୍-୯୩୩୭୪୯୨୩୦୭**

# ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା : ସାରା ବିଶ୍ୱରେ କରୋନା ଯେଉଁ ଭଳି ଉଗ୍ରରୂପ ନେଉଛି ଏବଂ ଅମ୍ଳଜାର ଘୋର ଅଭାବ ଦେଖା ଦେଇଛି ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମ୍ଳଜାନର ଅଭାବ ନ ହେବାପାଇଁ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଛନ୍ତି । ଏହାକୁ ଆଖି ଆଗରେ ରଖି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକଙ୍କ ନେତୃତ୍ୱରେ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ବିକାଶ ଦାସ, ବ୍ଲକ୍ ଯୁବ ବିଜେଡି ସାଧାରଣ ସମ୍ପାଦକ ଜୟନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ୧୧ନଂ ଜୋନରେ ଧର୍ମଶାଳା ଯୁବ ବିଜେଡି ସହଯୋଗରେ ବୃକ୍ଷ ରୋପଣ କରାଯାଇଛି । ବର୍ତ୍ତମାନ ସମୟରେ ଯେଉଁ ଭଳି ଭାବରେ ଅମ୍ଳଜାନର ଘୋର ଅଭାବ ଦେଖାଦେଇଛି ସେ ସମସ୍ୟାକୁ ଆଖି ଆଗରେ ରଖି ଆଗାମୀ ପିଢୀରେ ଯେଭଳି ଅମ୍ଳଜାନର ଅଭାବ ନ ପଡିବ ସେଥିପାଇଁ ବୃକ୍ଷ ରୋପଣ କରାଯାଇଥିଲା । ଜିଲ୍ଲା ଉପସଭାପତି ସୁବ୍ରତ ଧଳ, ସଞ୍ଜୟ ନାୟକ, ବ୍ଲକ୍ ଯୁବ ବିଜେଡି ସମ୍ପାଦକ ସ୍ମୃତିରଞ୍ଜନ ବେହେରା, ଏଣ୍ଡଲବା ବିଜେଡି ସଭାପତି ସୁଧାଂଶୁ ସାହୁ, ବ୍ଲକ୍ ଯୁବ ବିଜେଡି ଉପସଭାପତି ବୁଲୁ ବେହେରା, ସାଧାରଣ ସମ୍ପାଦକ ପ୍ରସନ୍ନ ରାଉତ, ରିତେଶ୍ ମିଶ୍ର, ସମ୍ପାଦକ ଶୁଭେନ୍ଦୁ ବେହେରା, ଜୋନ ସଭାପତି ଶକ୍ତି ରଞ୍ଜନ ଦାସ, ୯ ଗୋଟି ପଂଚାୟତର ଯୁବ ବିଜେଡି ସଭାପତି ରଞ୍ଜନ ସ୍ୱାଇଁ, ସୁଶାନ୍ତ ରାଉତ, ରମାକାନ୍ତ ବାଉଳ, ପ୍ରଶାନ୍ତ ନାୟକ, ଜିତେନ୍ଦ୍ର ରାଉତ, ସଞ୍ଜୟ ପାଲ୍, ଜୟଦେବ ସ୍ୱାଇଁ, ରବିନ୍ଦ୍ର ସେନାପତି ଓ ବିଶ୍ୱଜିତ୍ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦୁଝରରେ ଶୁଭାରମ୍ଭହେଲାପଂଚାୟତସ୍ତରୀୟ ଶିଶୁସୁରକ୍ଷା କମିଟିଙ୍କପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର :ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ଜୁଲାଇ ମାସ ୧ ତାରିଖ ଠାରୁ ଆନନ୍ଦପୁର ଓ ସାହାରପଡା ବ୍ଲକ ଅଧିନସ୍ଥ ୩୮ଟି ଗ୍ରାମ ପଂଚାୟତକୁ ନେଇ ପଂଚାୟତସ୍ତରୀୟ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ଭର୍ଚୁଆଲ ମାଧ୍ୟମରେ ଆରମ୍ଭ ହୋଇଛି । ଏହି ବୈଠକରେ ଉପରୋକ୍ତ ଦୁଇ ବ୍ଲକର ୩୮ଟି ଗ୍ରାମ ପଂଚାୟତର ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା /ଅଧ୍ୟକ୍ଷ ସରପଂଚ ,ଆବାହିକା ଆଇସିଡିଏସ୍ ,ସୁପରଭାଇଜର, ସଦସ୍ୟ /ସଦସ୍ୟା ଅଙ୍ଗନୱାଡି କର୍ମୀ, ଆଶା, ଯୁବକ ସଂଘର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ଶିକ୍ଷକ / ଶିକ୍ଷୟିତ୍ରୀ, ୱାର୍ଡମେମ୍ବର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ବିଶଦ ଭାବେ ଆଲୋଚନା କରି ସଦସ୍ୟ /ସଦସ୍ୟାଙ୍କୁ ଅବଗତ କରାଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ କରୋନା ମହାମାରୀ ସମୟରେ ଶିଶୁମାନଙ୍କର ସୁରକ୍ଷା, ବିପଦସଂକୁଳ ପରିସ୍ଥିତିରେ ଥିବା ଶିଶୁଙ୍କର ଥଇଥାନ, 'ଆର୍ଶୀବାଦ' ଯୋଜନାର କାର୍ଯ୍ୟକାରିତା, ଶିଶୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ସମସ୍ତ ସରକାରୀ ଯୋଜନା, ଶିଶୁ ସୁରକ୍ଷା କମିଟିର ସଦସ୍ୟ/ ସଦସ୍ୟାଙ୍କ ଦାୟିତ୍ୱ ଓ କର୍ତବ୍ୟ ସଂପର୍କରେ ଆଲୋକପାତ କରାଯିବା ସହିତ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିମାନଙ୍କୁ କିପରି ଅଧିକ କ୍ରିୟାଶୀଳ କରିବା ଉପରେ ଆଲୋଚନା କରାଯାଇଥିଲା । ଆକ୍ସନ ଏଡ୍ ସଂସ୍ଥାର ଜିଲ୍ଲା ସଂଯୋଜକ ଗୋବିନ୍ଦ ଚନ୍ଦ୍ର ସେଠୀ ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଣ ଆନୁଷ୍ଠାନିକ ଶିଶୁ ଯତ୍ନ ଓ ସେବା ଅଧିକାରୀ ସୌମ୍ୟରଞ୍ଜନ ଦାଶ ପ୍ରଶିକ୍ଷଣ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ଜୁଲାଇ ଦ୍ୱିତୀୟ ସପ୍ତାହ ମଧ୍ୟମରେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ପର୍ଯ୍ୟାୟକ୍ରମେ ଗ୍ରାମ ପଂଚାୟତସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଭାଗବତପ୍ରେମୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଭାଗବତ ସମିତିର ବ୍ଲକ ଶାଖା ତରଫରୁ ପିଠାଗୋଳା ଗ୍ରାମ ପଂଚାୟତର ନନ୍ଦରା ଗ୍ରାମଠାରେ ବହୁ ପ୍ରତିଷ୍ଠିତ ବୟସ୍କ ମହିଳା ଏବଂ ଭାଗବତ ପ୍ରେମୀମାନଙ୍କୁ ନେଇ ବିଭିନ୍ନ ମନ୍ଦିର ଏବଂ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଆ ହିନ୍ଦୁ ନବବର୍ଷ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଚଳିତ ମାସ ୧୩ତାରିଖରେ ବକ୍ସିବାରିଗାଁ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିବା ବେଳେ ପରେ ନନ୍ଦରା ଶିବ ମନ୍ଦିରରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭାଗବତ ପ୍ରଚାର ପ୍ରସାର ସମିତି ହରିଚନ୍ଦନପୁର ବ୍ଲକ ଶାଖାର ସଭାପତି ପଦାମ୍ବୁଜ ସାହୁ, ସମ୍ପାଦକ ପର୍ଶୁରାମ ସାହୁ, ସହସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ରବୀନ୍ଦ୍ର ବେଜଙ୍କ ସହ ପୁରୁଷ ଏବଂ ମହିଳା ଉପସ୍ଥିତ ଥିଲେ । କୋଭିଡ୍ କଟକଣା ନିୟମକୁ ଆଖି ଆଗରେ ରଖି ଆଗାମୀ ଦିନ ମାନଙ୍କରେ ବହୁ ଭାଗବତ ମଣ୍ଡଳୀ ଗଠନ କରିବା ସଙ୍ଗେ ସଙ୍ଗେ ନାମ ସଂକୀର୍ତ୍ତନର ପୁନଃ ଉଦ୍ଧାର କିପରି ହୋଇପାରିବ ସେ ବିଷୟରେ ଭାଗବତ ପ୍ରେମୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ନବୀନ ସମ୍ବାଦପତ୍ର କବି ଓ ଲେଖକମାନଙ୍କ ଏନ୍ତୁଡ଼ିଶାଳ

ବ୍ରହ୍ମପୁର (ପିଏନ୍): ୧୯୩୦ ମସିହାରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା 'ନବୀନ' କେବଳ ସମ୍ବାଦପତ୍ର ନୁହଁ ବରଂ କବି ଓ ଲେଖକମାନଙ୍କ ଏନ୍ତୁଡ଼ିଶାଳ ବୋଲି ବିଶିଷ୍ଟ ସମାଜସେବୀ ତଥା ଭେଷଜବିତ ଡ଼ା. ପି.ସି. ସାହୁ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ହୋଟେଲ ମୋତି ସମ୍ମିଳନୀ କକ୍ଷରେ ଆୟୋଜିତ ନବୀନର ତ୍ରୟୋବିଂଶ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ଼ା. ସାହୁ କହିଲେ ଯେ ନବୀନ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା କବଚ ଭାବେ ଦୀର୍ଘ ୯୧ ବର୍ଷ ଧରି ନିରନ୍ତର ଭାବେ ନିଜର ଭୂମିକା ଗ୍ରହଣ କରିଆସିଛି । ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଐତିହାସିକ ନବୀନର ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସଭାପତି ଶ୍ରୀ ରଥ ନିଜ ବକ୍ତବ୍ୟରେ ନବୀନ ତାର ପରମ୍ପରା ବଜାୟ ରଖିବା ସହ ନୂତନ କବି, ସାହିତ୍ୟିକମାନଙ୍କୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କୁ ଉତ୍ସାହିତ କରିବାର ପ୍ରୟାସ ଜାରି ରଖିଛି । ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ ହରିହର ଚୌଧୁରୀ, ଆଧ୍ୟାତ୍ମିକ ପ୍ରବକ୍ତା ଜଗନ୍ନାଥ ପଣ୍ଡା, କବି ଭାଗିରଥୀ ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସାହିତ୍ୟିକ ଡ଼ା. ଶଙ୍କର୍ଷଣ ପାତ୍ର, ଯୁବ ଗାଳ୍ପିକ ସୁଶାନ୍ତ କୁମାର ଦାଶଙ୍କୁ ମୁଖ୍ୟଅତିଥି ପ୍ରଫେସର ଡ଼ା. ସାହୁ ନବୀନ ବିଷୁବ ସମ୍ମାନ-୨୦୨୧ରେ ସମ୍ମାନିତ କରିଥିଲେ । ଏହି ଅବସରରେ କୁନି ଲେଖିକା ରୁଦ୍ରରୁପା ବ୍ରହ୍ମାଙ୍କ ଦ୍ୱାରା ରଚିତ ଶିଶୁ କବିତା ସଂକଳନ 'ପାହାଡ଼ ରାଣୀ' ଓ ଦିବଂଗତ ସାହିତ୍ୟିକ ଡ଼ା. ଚନ୍ଦ୍ରମଣି ସ୍ୱାଇଁଙ୍କ ଆଲୋଚନାଗ୍ରନ୍ଥ 'ଉକ୍ତିର ପ୍ରତିରୁକ୍ତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସ୍ୱାଗତ ସମିତି ଅଧ୍ୟକ୍ଷ ତଥା ସମାଜସେବୀ ରାମକୃଷ୍ଣ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋସ୍ନାରାଣୀ ସ୍ୱାଇଁ, ବନ୍ଦନା ମହାପାତ୍ର, ବି. ସତ୍ୟମ ଆଚାରୀ, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଲକ୍ଷ୍ମୀ ନାରାୟଣ ଦାଶ, ବସନ୍ତ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସମ୍ପାଦକ ସୁଶାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । କୋଭିଡ-୧୯ ଗାଇଡ଼ ଲାଇନ ପ୍ରକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ କବି କବୟିତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ଭାରତ ରତ୍ନ ଡ଼ଃ ବି.ଆର୍. ଆମ୍ବେଦକର ଜୟନ୍ତୀ ପାଳିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତା୧୪.୦୪.୨୦୨୧ରିଖ ବୁଧବାର ଦିନ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼ଃ ବି.ଆର୍.ଆମ୍ବେଦକରଙ୍କ ଜୟନ୍ତୀ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି । ଏହି ଅବସରରେ ବୁଧବାର ସକାଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏତଦ୍‌ବ୍ୟତୀତ ସଂଲଗ୍ନରେ ଅବସ୍ଥାପିତ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ପ୍ରମୁଖ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ଅଜିତ ମଙ୍ଗରାଜଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୋକସଭା

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପିପିଲି ଉପନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ଶ୍ରୀ ଅଜିତ୍ ମଙ୍ଗରାଜଙ୍କ କରୋନା ଜନିତ ଅକାଳ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇ କଂଗ୍ରେସ ଭବନ, ଭୁବନେଶ୍ୱରଠାରେ ଏକ ଶୋକସଭା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ମଙ୍ଗରାଜଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଂଜଳି ଅର୍ପଣ କରିବା ପରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ମୃତିଚାରଣ କରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ ଅଜିତ୍ ବାବୁଙ୍କ ମୃତ୍ୟୁ ଦଳପାଇଁ ଅପୂରଣୀୟ କ୍ଷତି । ସେ ଜଣେ ପରିଶ୍ରମୀ ଓ ଦୃଢ଼ ସଂଗଠକ ଭାବରେ ଜଣାଶୁଣା ଥିଲେ । ସେ ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ନେବା ପରଠାରୁ କଂଗ୍ରେସକୁ ମଜବୁତ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ । ଦଳପ୍ରତି ତାଙ୍କର ସ୍ୱପ୍ନକୁ ଆମ୍ଭେମାନେ ସାକାର କରିପାରିଲେ ତାହାହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ । ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜଣାଇଥିଲେ । ଶ୍ରଦ୍ଧାଂଜଳି ଜଣାଇ ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ କହିଲେ ଯେ ସ୍ୱର୍ଗତ ମଙ୍ଗରାଜ କଂଗ୍ରେସ ଦଳର ଜଣେ ସଚ୍ଚା କର୍ମୀ ଥିଲେ । ତାଙ୍କର ମୃତ୍ୟୁରେ ଦଳ ଜଣେ ଉତମ ସୈନିକଙ୍କୁ ହରାଇଲା । କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଓ କଂଗ୍ରେସ ପ୍ରଭାରୀ ଡ. ଏ ଚେଲାକୁମାରଙ୍କ ପକ୍ଷରୁ ଶ୍ରୀ ରାଜୁ ଗଭୀର ସମବେଦନା ଜଣାଇଥିଲେ । ଶ୍ରଦ୍ଧାଂଜଳି ଜଣାଇ ପିସିସି କାର୍ଯ୍ୟକାରୀ ସଭାପତି ସର୍ବଶ୍ରୀ ପ୍ରଦୀପ ମାଝୀଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ସ୍ୱର୍ଗତ ମଙ୍ଗରାଜଙ୍କର ଜୀବନୀ ଓ ସାଂଗଠନିକ ଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର ରାଉତରାୟ, ଯୁଧିଷ୍ଠିର ଜେନା, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ଅମୀୟ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରଂଜନ ଦାଶ, ବିଶ୍ୱଜିତ୍ ଦାଶ, ହଳଧର ସେଠୀ, ପଦ୍ମାକର ଗୁରୁ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ଜିତୁ ପ୍ରକାଶ ପରିଡା, ଅଶୋକ କୁମାର ଦାସ, ଦୀପକ ମହାପାତ୍ର, କନକଲତା ମଲ୍ଲିକ, ଶ୍ରୀୟାସ୍ମିତା ପଣ୍ଡା, ଲିଙ୍ଗରାଜ ସାହୁ, ବିସ୍ମୟ ମହାପାତ୍ର, ଜ୍ଞାନଦେବ ବେଉରା, ସଂଜୟ ମିଶ୍ର, ଅକ୍ଷୟ ଦାସ, ଜ୍ଞାନ ପଟ୍ଟନାୟକ, କୁସୁମ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ଶଶିକାନ୍ତ ଲେଙ୍କା, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ଦୀପକ ସାହୁ, ସତ୍ୟବ୍ରତ ନାୟକ, ସୁବାଷ ପ୍ରଧାନ, ଶ୍ରୀଧର ବଳିୟାରସିଂ, ଦେବୀପ୍ରସାଦ ବାହାଲିଆ, ସାଗର ପରିଡା, ସୀମାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଂଜଳି ଜଣାଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁଲାଇ ୦୬

# ଶ୍ରମଜୀବୀଙ୍କ ଦୁଃଖ ବୁଝୁଛି କିଏ ?

ପୃଥିବୀର କେତେ ନଦୀରେ କେତେ ଜଳ ବହିଗଲାଣି । ଦେଶେ ଦେଶେ କେତେ ଯେ ମୌସୁମୀ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେ ଯେ ତ୍ୟାଗପୂତ ଲଢ଼େଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି, ତା'ର ପଟାନ୍ତର ନାହିଁ । ଆଜି ମଧ୍ୟ ପୁଞ୍ଜିପତି ଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷ ଲକ୍ଷ ଶ୍ରମିକ କୃଷକ ଖଟିଖିଆ ମଣିଷ ବଳି ପଡୁଛନ୍ତି । ଏହି ଶୋଷଣ ବିରୁଦ୍ଧରେ ଅଗଣିତ ମୁକ୍ତିପିପାସୁ ଶ୍ରମଜୀବୀ ମଣିଷ ଘୋଷଣା କରିଛି ମରଣପଣ ରକ୍ତକ୍ଷୟୀ ସଂଗ୍ରାମ । ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁଦିନ ଜଟିଳରୁ ଜଟିଳତର ହେବାରେ ଲାଗିଛି । ପ୍ରତିନିୟତ ପରିବର୍ତ୍ତନର ଧାରା ପ୍ରବାହିତ ହେବାରେ ଲାଗିଛି । କାଲି ଯାହା ସତ୍ୟ, ପ୍ରଗତିଶୀଳ ଏବଂ ସର୍ବାଧୁନିକ ଥିଲା – ଆଜି ତାହା ପୁରୁଣା ହୋଇଯାଉଛି । ନୂଆ ନୂଆ ଘଟଣା ପ୍ରତ୍ୟେକ ମୁହୂର୍ତ୍ତରେ ଘଟିଚାଲିଛି । ଅଭିନବ ଉଦ୍‌ଭାବନ ଅହରହ ସୃଷ୍ଟି ହେଉଛି । ବିଶ୍ୱର କୋଣେ ଅନୁକୋଣେ ଯେକୌଣସି ସାଧାରଣ-ଅସାଧାରଣ ଘଟଣା-ଅଘଟଣା ଘଟିଯାଉଛି, ଆଖି ପିଛୁଳାକେ ସମୁଦ୍ରର ଢେଉ ଭଳି ଜନମାନସରେ ପ୍ରତିଧ୍ୱନିତ ହେଉଛି । ଗଣମାଧ୍ୟମର ଦ୍ରୁତ ବିକାଶ ଘଟିଚାଲିଛି । ଯାହା ଯୋଗୁଁ ଅଛପା ବୋଲି କିଛି ରହୁନାହିଁସବୁଠି ଚୁକ୍ତିଭିତିରେ ଶ୍ରମିକମାନେ କାମ କରୁଛନ୍ତି । କଳକାରଖାନା, ଖଣିଖାଦାନ, ବନ୍ଦର, ରେଳ ଏବଂ ଯେକୌଣସି ଶିଳ୍ପରେ ଠିକା ଶ୍ରମିକ ଭର୍ତ୍ତି । ସର୍ବନିମ୍ନ ମଜୁରୀ ସୁବିଧା ସୁଯୋଗ ପାଇବା କଷ୍ଟକର । ସୁରକ୍ଷା କଥା ନ କହିଲେ ଭଲ । କୌଣସି ନିୟମ କାନୁନ ପାଳନ ହୁଏନା । ପ୍ରାୟ ୯୦ ଭାଗ ଶିଳ୍ପରେ ଏଭଳି ଅବସ୍ଥା । ବାକି ୧୦ ଭାଗ ଶିଳ୍ପରେ ସଂଗଠିତ ଶ୍ରମିକ କାମ କରୁଥିବାରୁ ସେଠାରେ ଟ୍ରେଡ୍ ୟୁନିୟନମାନଙ୍କ ଉପସ୍ଥିତି ଯୋଗୁ କିଛିଟା ପ୍ରାପ୍ୟ ମିଳେ । କିନ୍ତୁ ଠିକାରେ କାମ କରୁଥିବା ଶ୍ରମିକ, ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ପେଟ ବିକଳରେ କପାଳରେ ହାତ ମାରି କାମ କରିଥାଆନ୍ତି । ଏଇଠି ଶ୍ରମିକ ଆନ୍ଦୋଳନ ପଛରେ ପଡ଼ିଯାଇଛି । ଶ୍ରମିକମାନେ ପରାଜୟର ସ୍ୱାଦ ଚାଖୁଛନ୍ତି । ଶ୍ରମ ଓ ପୁଞ୍ଜି ମଧ୍ୟରେ ବିବାଦ ଲଢ଼େଇ ପୂର୍ବରୁ ଥିଲା ଆଜି ମଧ୍ୟ ଅଛି । ଶ୍ରମିକମାନେ ଉପଯୁକ୍ତ ମଜୁରୀ ଚାହାଁନ୍ତି । ମାଲିକମାନଙ୍କର ଅତ୍ୟଧିକ ମୁନାଫା ଦରକାର । ଏ କଥା କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଅପ୍ରିୟ ସତ୍ୟ । ଆଜିବି ୧ ଭାଗ ମାଲିକ ଶ୍ରେଣୀର ରାଜୁତି ବିଶ୍ୱବ୍ୟାପି ଚାଲିଛି । ବାକି ୯୯ ଭାଗ ଶ୍ରମଜୀବୀ ଏବେବି ଶୋଷିତ, ନିଷ୍ପେଷିତ, ନିର୍ଯାତିତ । ଶ୍ରମିକ ଶ୍ରେଣୀର ବିଭିନ୍ନ ଦେଶରେ କମ୍ୟୁନିଷ୍ଟ ପାର୍ଟି ଖଣ୍ଡବିଖଣ୍ଡିତ । ସର୍ବହରାର ଏକନାୟକତ୍ୱର ଲକ୍ଷ୍ୟ, ମାର୍କସ୍‌ବାଦ, ଲେନିନ୍‌ବାଦ, ମାଓବାଦକୁ କେବେଠୁ ଭୁଲିଗଲାଣି । ନୀତି ଆଦର୍ଶ ମୁହଁରେ ଯେତେ କଣ୍ଠ 'ଟାଇ ଚିତ୍କାର କଲେବି କାର୍ଯ୍ୟରେ ପେଟି ବୁର୍ଜୁଆ । ମାଲିକ ଶ୍ରେଣୀ ବିଭିନ୍ନ ଦେଶରେ ସଙ୍କଟରେ ପଡ଼ି ଛଟପଟ ହେଉଥିଲା ବେଳେ ସେମାନଙ୍କ ଦ୍ୱାରା ପାଳିତ ରାଜନୈତିକ ଦଳ ମଧ୍ୟରେ ମଧ୍ୟ ଭାଙ୍ଗଣ ଧରିଛି । ତେଣୁ ମାଲିକ ଓ ଶ୍ରମିକ ଶ୍ରେଣୀ ଦଳମାନଙ୍କ ମଧ୍ୟରେ କାଦୁଅ 'ଙ୍ଗା'ଙ୍ଗି ଅବ୍ୟାହତ ରହିଛି । ଏହାଦ୍ୱାରା ଶ୍ରମିକଶ୍ରେଣୀ ବେଶି କ୍ଷତିଗ୍ରସ୍ତ ହେଉଛନ୍ତି । ପୁଞ୍ଜି ବିରୁଦ୍ଧରେ ଲଢ଼େଇ କରି ଶ୍ରମିକ ଶ୍ରେଣୀ ଛିନ୍ନଛତ୍ର ହୋଇପଡ଼ିଛି । ଏଇ ବିଶ୍ୱର ବିନ୍ଧାଣୀ ଶ୍ରମିକଶ୍ରେଣୀ କେବେ ତା'ର ହକ୍ ପ୍ରାପ୍ୟ ଅଧିକାର ପାଇବ ? ଏଇ ଅଧିକାର ପାଇଁ ଶ୍ରମିକ ଶ୍ରେଣୀକୁ ଐକ୍ୟବଦ୍ଧ କରି ସଠିକ୍ ପଥରେ ପରିଚାଳନା କରିବା ପାଇଁ ଯେଉଁମାନେ ସ୍ୱଘୋଷିତ ଦାୟିତ୍ୱ ବହନ କରିଥିଲେ – ସେମାନେ ପାର୍ଲାମେଂଟାରୀ ମୋହରେ ପଡ଼ି ଧରାଶାୟୀ । ଯାହା 'ଳରେ ଆନ୍ଦୋଳନ ଆଉ ସେ ପୂର୍ବ ଆନ୍ଦୋଳନ ଭଳି ନାହିଁ । ସଠିକ୍ ନେତୃତ୍ୱ ଓ ଆନ୍ଦୋଳନ ବିନା ଶ୍ରମିକଶ୍ରେଣୀ ଆପଣାର ଅଧିକାର ସାବ୍ୟସ୍ତ କରିପାରୁନି । ବିଶ୍ୱର ବିଭିନ୍ନ ଦେଶରେ ଏପରିକି କିଛି କିଛି ଦେଶର ବିଭିନ୍ନ ରାଜ୍ୟରେ ଆମ ଭାରତର ପଶ୍ଚିମବଙ୍ଗ, ତ୍ରିପୁରା, କେରଳ ରାଜ୍ୟରେ କମ୍ୟୁନିଷ୍ଟମାନେ ସରକାରରେ ଥିଲେ । କିନ୍ତୁ ଶ୍ରମିକଶ୍ରେଣୀର ଯେଉଁ ପରିବର୍ତ୍ତନ ହେବାର ଥିଲା ତାହା ହେଲାନି । ଏଥିପାଇଁ ଶ୍ରମିକମାନଙ୍କ ଅପେକ୍ଷା ନେତାମାନେ ବେଶି ଦାୟୀ । ଶ୍ରମିକମାନଙ୍କୁ ରାଜନୈତିକ ଭାବେ ସଚେତନ କରାନଯାଇ ଅର୍ଥନୈତିକ ସୁବିଧାବାଦର ଗଣ୍ଡି ଭିତରକୁ ଛାଡ଼ି ଦିଆଗଲା । ପୁଞ୍ଜିର ଚରିତ୍ର ଅହର୍ନିଶ ବଦଳି ଯାଉଥିଲା ବେଳେ ଶ୍ରମର ଚରିତ୍ର ସେଇ ପୁରୁଣା ଢଙ୍ଗରେ ଚାଲିଛି । ଟ୍ରେଡ୍ ୟୁନିୟନ୍‌ମାନେ ନୂଆ ଭାବେ ଶ୍ରମିକ ଶ୍ରେଣୀକୁ ଦିଗ୍‌ଦର୍ଶନ ଦେଉନାହାଁନ୍ତି । ଯେତେ ଆନ୍ଦୋଳନ କଲେ ମଧ୍ୟ ବାସ୍ତବ ଦାବି ପୂରଣ ହେଉନି । ଯେଉଁ ଶ୍ରମିକମାନେ ଭାବୁଛନ୍ତି – ନେତାମାନେ ସବୁ ଠିକ୍‌ଠାକ୍ କରିଦେବେ ସେମାନେ ପ୍ରକୃତରେ ଠକି ଯାଉଛନ୍ତି । ଆଉ ପୂର୍ବରୁ ସେ ସଂଗ୍ରାମୀ ସଚ୍ଚା ନେତା ନାହାଁନ୍ତି ଯେଉଁମାନେ ଶୟନେ ସ୍ୱପନେ ଜାଗରଣେ ଶ୍ରମିକଶ୍ରେଣୀର ମୁକ୍ତି ଚାହୁଁଥିଲେ, ଲଢୁଥିଲେ ମଧ୍ୟ । ଆଜିର ନେତାମାନଙ୍କୁ ଆତ୍ମସ୍ୱାର୍ଥ ବନ୍ଦୀ କରି ରଖିଛି । ସେମାନେ ଶ୍ରମିକର ସ୍ୱାର୍ଥ ଦେଖିବେ କିପରି ? ଶ୍ରମିକମାନେ ଏବେ ଆଉ ପୁରୁଣା ଢଙ୍ଗରେ ଚାଲିଲେ ହେବନି । ଯେତେଦିନ ପର୍ଯ୍ୟନ୍ତ ଶ୍ରମିକମାନେ ସାମାଜିକ ଆନ୍ଦୋଳନ ସଂଗେ ଯୋଗଦାନ କରୁନାହାଁନ୍ତି ସେତେଦିନ ପର୍ଯ୍ୟନ୍ତ ପଛୁଆ ହୋଇ ରହିଥିବେ । ଶ୍ରମିକଶ୍ରେଣୀର ଏ ଦୟନୀୟ ଅବସ୍ଥା ଦେଖି ବେଳେବେଳେ ମନଟା ମୋର ଖରାପ ହୋଇଯାଏ । ୧୯୧୯ରୁ ଆନ୍ତର୍ଜାତିକ ଶ୍ରମ ସଂଗଠନ ଶକ୍ତିଶାଳୀ ଟ୍ରେଡ୍ ୟୁନିୟନ୍ ଉପରେ ଗୁରୁତ୍ୱ ଦେଇଆସିଛି । ଅଧିକାଂଶ ଟ୍ରେଡ୍ ୟୁନିୟନ୍ ରାଜନୀତି ଦଳର ପଲାରେ ବଟକରା ହୋଇଯାଇ ଅସଲ ଆନ୍ଦୋଳନରୁ ଓହରି ଆସୁଛନ୍ତି । ଶ୍ରମିକମାନଙ୍କ ଅଧିକାର ସମ୍ପର୍କରେ ରାଜନୈତିକ ସମସ୍ୟା ନୁହେଁ – ଏହା ଅଧିକନ୍ତୁ ସାମାଜିକ ଓ ସାଂସ୍କୃତିକ ସମସ୍ୟା । ଯେଉଁମାନଙ୍କ ଲୁହଲହୁରେ ଦେଶବିଦେଶ ରାଜ୍ୟର ଅର୍ଥନୀତି ସଂମୃଦ୍ଧି ହୁଏ, ଶିଳ୍ପପତିମାନଙ୍କର ହିମାଳୟ ପର୍ବତ ସଦୃଶ ସମ୍ପତି ବୃଦ୍ଧିହୁଏ, ସେଇ ଶ୍ରମଜୀବୀମାନଙ୍କ ଦୁଃଖ ବୁଝୁଛି କିଏ ? ଶ୍ରମିକ ଶ୍ରେଣୀର ମୂଳ ସମସ୍ୟା ପ୍ରୟୋଜନୀୟ ଖାଦ୍ୟ ବସ୍ତ୍ର ବାସଗୃହ ପାଇଁ ଉପଯୁକ୍ତ କର୍ମନିଯୁକ୍ତି ଓ ଆବଶ୍ୟକ ମଜୁରି । ଆମ ପ୍ରିୟ ଭାରତବର୍ଷକୁ ଏକ ସମୃଦ୍ଧିଶାଳୀ, ବିକାଶଶୀଳ ଓ ଶକ୍ତିଶାଳୀ ଦେଶରୂପେ ଗଢ଼ି ତୋଳିବାକୁ ହେଲେ ଲୋକମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବାକୁ ହେବ । ମୂଳ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ହେବ । ପ୍ରଥମେ କୃଷିର ଆଧୁନିକୀକରଣ କରାଯାଇ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ । ଗାଁ ଗହଳିର ଯେଉଁ ଲୋକମାନେ ବଳକା ହୋଇପଡ଼ିବେ ସେମାନଙ୍କୁ କାମ ଯୋଗାଇବା ପାଇଁ ଶିଳ୍ପ ବିକାଶର ଅବାଧ ରାସ୍ତା ଖୋଲିଦେବାକୁ ହେବ । ବେକାର ସମସ୍ୟା ସମାଧାନ କରିବାକୁ ହେବ – ସୁଷମ ବଂଟନ ଓ ଦରଦାମ ସ୍ଥିର ରଖିବାକୁ ହେବ । ଏହି ଜଟିଳ ପ୍ରଶ୍ନ ଗୁଡ଼ିକ ଆମ ଦେଶର ରାଷ୍ଟ୍ର ଚରିତ୍ର ଓ ଅର୍ଥନୈତିକ ବ୍ୟବସ୍ଥା ସହିତ ଓତପ୍ରୋତଃ ଭାବେ ଜଡ଼ିତ । ଯେତେଦିନ ପର୍ଯ୍ୟନ୍ତ କୃଷିର ଆଧୁନିକୀକରଣ, କ୍ରମାଗତ ଶିଳ୍ପବିକାଶ, ଉତ୍ପାଦନର ସାମାଜିକ ମାଲିକାନା ଶ୍ରମିକ ଶ୍ରେଣୀର ରାଷ୍ଟ୍ରବ୍ୟବସ୍ଥା ପ୍ରତିଷ୍ଠିତ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଶ୍ରମିକଶ୍ରେଣୀର ମୌଳିକ ସମସ୍ୟା ସମାଧାନ ହେବା ଅସମ୍ଭବ । ସ୍ଥାୟୀ ସମାଧାନ ଏକମାତ୍ର ନିର୍ଭର କରୁଛି ଶୋଷଣହୀନ ସମାଜ ବ୍ୟବସ୍ଥାର ପ୍ରଚଳନ । କୌଣସି ଦେଶର ସରକାରର ପରିବର୍ତ୍ତନ ଶାସକର ପରିବର୍ତ୍ତନ ହେଲେ ରାଷ୍ଟ୍ର ବ୍ୟବସ୍ଥା ପରିବର୍ତ୍ତନ ହୋଇଯାଏନା । ଏହା ମଧ୍ୟରେ ଅନ୍ତର୍ଜାତୀୟ ଓ ଜାତୀୟ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଓ ଘଟଣା ଘଟିଯାଇଛି, ଯାହା 'ଳରେ ଶ୍ରମିକ ଆନ୍ଦୋଳନ ଓ ସମସ୍ତ ପ୍ରକାର ଶୋଷଣରୁ ମୁକ୍ତି ପାଇଁ ଶ୍ରମଜୀବୀ ଜନଗଣଙ୍କ ସଂଗ୍ରାମ ଅତ୍ୟନ୍ତ ଜଟିଳ ଓ କଷ୍ଟସାଧ୍ୟ ହୋଇପଡ଼ିଛି । ତା ସତ୍ତ୍ୱେ ରାତ୍ରିର ଅନ୍ଧକାର ଭେଦକରି ନୂତନ ସୂର୍ଯ୍ୟର ଆଗମନୀକୁ କେହି ଯେପରି ରୋକି ପାରନ୍ତି ନାହିଁ, ସେହିଭଳି ଶ୍ରମିକ ଶ୍ରେଣୀର ଅଗ୍ରଗତିକୁ ରୋକିବାର ସାହସ କାହାର ନାହିଁ । ସାମୟିକ ଭାବେ ଶ୍ରମିକ ଶ୍ରେଣୀ ଆନ୍ଦୋଳନରେ ସାମୟିକ ସଙ୍କଟ ସତ୍ତ୍ୱେ ପୁଣି ବିଶ୍ୱବ୍ୟାପୀ ଶ୍ରମିକ ଆନ୍ଦୋଳନ, ସମାଜତାନ୍ତ୍ରିକ ବିପ୍ଳବର ଜୁଆର ଆସୁଛି । ଯେତେଦିନ ପର୍ଯ୍ୟନ୍ତ କ୍ଷୁଧା-ବେକାରୀ-ଅଭାବ ଅନଟନ ଥିବ, ଶ୍ରମିକମାନେ ଲଢ଼େଇ ଜାରି ରଖିବେ । ଶେଷରେ ଶ୍ରମିକ ଶ୍ରେଣୀର ଜୟ ସୁନିଶ୍ଚିତ ।


ମାୟାଧର ନାୟକ

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ପାଠକୀୟ ମତାମତ ଓ ପରାମର୍ଶ 'ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଦେଶଦ୍ରୋହ ଆଇନ ଓ ଗଣତନ୍ତ୍ର


ଗୋପାଳ ଚନ୍ଦ୍ର ନାଥ

ଭାରତବର୍ଷକୁ ଇଂରେଜମାନେ ଶାସନ କଲାବେଳେ ସେମାନଙ୍କୁ ସୁହାଇଲା ଭଳି ଆଇନ ସବୁ ପ୍ରଣୟନ କରି ଜନ ସାଧାରଣଙ୍କ ମୁହଁକୁ ବନ୍ଦ କରୁଥିଲେ । ଦେଶରେ ଲୋକଙ୍କ ମଧ୍ୟରେ ଏକତା ନ ଥିବାରୁ ତାହାକୁ ଅସ୍ତ୍ରକରି ଇଂରେଜମାନେ ସାଧାରଣ ଜନତାଙ୍କୁ ବିଭିନ୍ନ ପ୍ରକାର କଷଣ ଦେଉଥିଲେ ଓ କେତେକ ଚାଟୁକାର ସେମାନଙ୍କ ଆଜ୍ଞାବହ ସାଜି ସହଯୋଗ କରୁଥିଲେ । ଫଳରେ ଇଂରେଜମାନେ ଭାରତୀୟମାନଙ୍କ ମୁହଁକୁ ଚୁପ ରଖିବା ପାଇଁ ଓ ସେମାନଙ୍କ କାର୍ଯ୍ୟଶୈଳୀରେ ହସ୍ତକ୍ଷେପ ନ କରିବା ପାଇଁ ବିଭିନ୍ନ ପ୍ରକାର ନିୟମ ଦ୍ୱାରା ବାନ୍ଧି ରଖିଥିଲେ । ଦେଶରେ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ପିଙ୍ଗଳ କୋର୍ଡ ପ୍ରଣୟନ କଲେ ୧୮୬୦ ମସିହାରେ ଓ ସେହି ପିଙ୍ଗଳ କୋର୍ଡ ଦ୍ୱାରା ଅପରାଧିମାନଙ୍କୁ ଦଣ୍ଡର ବ୍ୟବସ୍ଥା କରାଗଲା । ହେଲେ ସେତେବେଳକୁ ଆମ ଦେଶରେ ଇଂରେଜମାନଙ୍କୁ ବିରୋଧ କରିବା ପାଇଁ କିଛି ବ୍ୟକ୍ତି ବିଶେଷ ବିଭିନ୍ନ ସମୟରେ ବିଭିନ୍ନ ତରିକାରେ ବିରୋଧ କରିବା ଆରମ୍ଭ କରିଦେଇ ଥିଲେ, ଯାହାକି ସେମାନଙ୍କୁ ଅସୁବିଧାରେ ପକାଉଥିଲା । ସେମାନଙ୍କ ଉପରେ ଦୃଢ ପଦକ୍ଷେପର ଆବଶ୍ୟକ ଥିବା ନେଇ ସେମାନେ ହୃଦୟଙ୍ଗମ କରିଥିଲେ ଓ ଆଖି ଦୃଶିଆ ଦଣ୍ଡ ମଧ୍ୟ ଭାରତୀୟ ପିଙ୍ଗଳ କୋର୍ଡ ଜରିଆରେ ଦିଆଯାଉଥିଲା । ଦେଶରେ ଦିନକୁ ଦିନ ବିରୋଧ ବଢ଼ିବା ହେତୁ ସେମାନଙ୍କ ମୁଣ୍ଡ ବିନ୍ଧାର କାରଣ ହେଲା ଓ ୧୮୭୦ ମସିହାରେ ଭାରତ ପିଙ୍ଗଳ କୋର୍ଡରେ ଏକ ସଂଶୋଧନ ଆଣିବାକୁ ସରକାର ବାଧ୍ୟ ହେଲେ । ଧାରା ୧୨୪-ଏ କୁ ଭାରତୀୟ ପିଙ୍ଗଳ କୋର୍ଡରେ ଅନ୍ତର୍ଭୁକ୍ତ କରାଗଲା ଓ ତାହାକୁ ଦେଶଦ୍ରୋହିମାନଙ୍କ ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କଲେ । ଉକ୍ତ ଆଇନ ଅନୁଯାୟୀ ଦେଶ ଦ୍ରୋହିମାନଙ୍କୁ ବିନା ଗିରଫ ପରଓ୍ୱାନା ଜାରିରେ ଗିରଫ କରାଯିବାର ବ୍ୟବସ୍ଥା ସହିତ କୌଣସି ପ୍ରକାର ଆପୋଷ ବୁଝାମଣା ଦୁଇ ପକ୍ଷଙ୍କ ମଧ୍ୟରେ ହୋଇ ପାରିବ ନାହିଁ ବୋଲି ଆଇନରେ ରହିଲା । ଏହି ଧାରା ଅନୁସାରେ ରାଜ ଦ୍ରୋହ ଏକ ଜାମିନ ବିହୀନ ଅପରାଧ । ଧାରା ୧୨୪-ଏ ଅନୁଯାୟି କୌଣସି ବ୍ୟକ୍ତି ଭାରତରେ ବିଧି ଦ୍ୱାରା ପ୍ରତିଷ୍ଠିତ ସରକାର ପ୍ରତି ଲିଖିତ ଶବ୍ଦ ବା ସଂକେତ ଦ୍ୱାରା ବା ଦୃଶ୍ୟ ପ୍ରସ୍ତୁତି ଦ୍ୱାରା, ଘୃଣା ବା ଅବମାନନା ସୃଷ୍ଟି କରିବ ବା କରିବା ପାଇଁ ଚେଷ୍ଟା କରିବ, ଅସନ୍ତୋଷ ସୃଷ୍ଟି କରିବ ବା କରିବା ପାଇଁ ଚେଷ୍ଟା କରିବ, ତେବେ ତାକୁ ତିନି ବର୍ଷ କାରାଦଣ୍ଡ ଓ ଜରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ । ଏହି ଆଇନ ପ୍ରଣୟନ ପରେ ଇଂରେଜମାନେ ସରକାର ବା ପ୍ରଶାସନ ବିରୋଧରେ କେହି ମୁହଁ ଖୋଲିବାକୁ ଗଲେ ସେହି ଦଣ୍ଡରେ ଦଣ୍ଡିତ କରିବାର ଭୟ ସୃଷ୍ଟି କରି ଚୁପ ରହିବାକୁ ପ୍ରବର୍ତ୍ତାଉ ଥିଲେ ସତ କିନ୍ତୁ ସରକାର ବା ପ୍ରଶାସନ ବିରୋଧରେ କୌଣସି ପ୍ରକାର ସମାଲୋଚନା ଅପରାଧ ନୁହେଁ ବୋଲି ଆଇନାନୁମୋଦିତ ଥିବାରୁ ଦଣ୍ଡମୁକ୍ତ ରଖିଥିଲେ । ସେହି ଆଇନ ପ୍ରଣୟନ ପରଠାରୁ ଇଂରେଜମାନେ ୧୮୯୧ ମସିହାରେ ଜଣେ ଖବରକାଗଜ ସଂପାଦକଙ୍କ ନାମରେ ଏହି ଧାରାକୁ ଉପଯୋଗ କରିଥିଲେ ଓ ୧୯୨୨ ମସିହାରେ ମହାତ୍ମା ଗାନ୍ଧୀଙ୍କ ଠାରେ ମଧ୍ୟ ଉକ୍ତ ଦଫାକୁ ଲଗାଇଥିଲେ । ସେତେବେଳେ ଗାନ୍ଧୀ ଉକ୍ତ ଦଫାକୁ ବିଦ୍ରୂପ କରିଥିଲେ ମଧ୍ୟ ସମ୍ମାନର ସହ ଆଇନକୁ ସମ୍ମୁଖିନ ହୋଇଥିଲେ । ଏସବୁ ଏଠାରେ ଅବତାରଣା କରିବାର କାରଣ ଏହି ଯେ ଦେଶ ସ୍ୱାଧିନ ହେଲା ପରେ ମଧ୍ୟ ଏ ଆଇନର ଆବଶ୍ୟକତାକୁ ନେଇ ବହୁ ବାର ଆଲୋଚନା ହୋଇଥିଲେ ବି ତାର ଉଚ୍ଛେଦ କରାଯାଇ ନାହିଁ । ଏ ଆଇନର ସେଭଳି ଉପଯୋଗ ଯଦିଓ କରାଯାଇ ନ ଥିଲା, କିନ୍ତୁ ସମୟ କ୍ରମେ ଏବେ ଏହାକୁ ବ୍ୟବହାର କରି ଦେଶଦ୍ରୋହି ବୋଲି ସାଧାରଣରେ ଅପମାନିତ କରାଯାଉଥିବା ଦେଖାଯାଉଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କର ବାକ୍ ସ୍ୱାଧିନତା ରହିଛି ଓ ସରକାର ବା ପ୍ରଶାସନର ବିଭିନ୍ନ କାର୍ଯ୍ୟକୁ ସମାଲୋଚନା କରିବାର ଅଧିକାର ମଧ୍ୟ ରହିଛି । ଗଣତନ୍ତ୍ରରେ ବିରୋଧର ଏକ ପ୍ରମୁଖ ଭୂମିକା ରହିଛି । ଆମ ସମ୍ବିଧାନ ମଧ୍ୟ ବିରୋଧି ଦଳକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରି ଆସିଛି । ଗଣତନ୍ତ୍ରିକ ରାଷ୍ଟ୍ରରେ ଏଇ କିଛି ବର୍ଷ ହେବ ସରକାରଙ୍କୁ କେହି ସମାଲୋଚନା କଲେ ବା ସରକାରଙ୍କ କୌଣସି କାର୍ଯ୍ୟର ବିରୋଧ ହେଲେ ତାକୁ ଦେଶଦ୍ରୋହୀ କରିଦିଆଯାଉଛି, ଏବଂ ତାଙ୍କ ନାମରେ ଦେଶଦ୍ରୋହ ଧାରାରେ ଗିରଫ କରିବାକୁ ପଛାଉ ନାହାଁନ୍ତି । ଗଣତନ୍ତ୍ରରେ ଏକ ଲୋକାଭିମୁଖୀ ସରକାରର ବି ବିରୋଧ ହେବାର କୌଣସି ଅସୁବିଧା ନ ଥିବା ବେଳେ କିଭଳି ଯେ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ ସରକାର କରି ଚାଲିଛନ୍ତି, ତା ନେଇ ଦେଶବାସୀ ବିବ୍ରତ ଓ ବିତସ୍ପୃହ ହୋଇସାରିଲେଣି । ଯେତେବେଳେ ୨୦୧୪ମସିହାରେ କେନ୍ଦ୍ରରେ ଜାତୀୟ ଗଣତାନ୍ତ୍ରିକ ମେଂଟ ସରକାର ଗଠନ ହେଲା, ସେତେବେଳେ ପ୍ରଧାନମନ୍ତ୍ରୀ ଭାରତବର୍ଷକୁ କଂଗ୍ରେସ ମୁକ୍ତ ଭାରତ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଦେଶରେ ପ୍ରମୁଖ ବିରୋଧୀ ଦଳର ଭୂମିକା ନିଭାଉଥିବା କଂଗ୍ରେସ ଦଳକୁ ଏଭଳି ମନ୍ତବ୍ୟ ଦେବା ହିଁ ଗଣତନ୍ତ୍ରର ପରିପନ୍ଥି । ତଥାପି ତାହାକୁ ଦେଶବାସୀ ସହିଲେ । ତାପରେ ଗୋଟିଏ ପରେ ଗୋଟିଏ ପ୍ରସଙ୍ଗ ଲୋକ ଲୋଚନକୁ ଆସିଲା । ଯେ କେହି ସରକାର ବିରୋଧରେ ମୁହଁ ଖୋଲିଲା, ତାକୁ ଦେଶଦ୍ରୋହୀର ଅପପ୍ରଚାର ମୁଣ୍ଡାଇବାକୁ ପଡିଲା । ମୁହଁ ଖୋଲିଲେ ଦେଶଦ୍ରୋହୀ ଓ ଦେଶ ଛାଡି ଚାଲି ଯିବାକୁ ପ୍ରବର୍ତ୍ତାଇ, ନିଜ ସମର୍ଥକମାନେ ନିଜକୁ ସଚା ଦେଶ ପ୍ରେମୀର ପ୍ରମାଣ ଦେବାକୁ ପଛାଇଲେ ନାହିଁ । ସରକାର ଆସିବା ପରେ ଦେଶରେ ଦେଶ ଦ୍ରୋହ ଆଇନର ବ୍ୟାପକ ଦୁରୁପଯୋଗ କରାଗଲା । ୨୦୧୫ ମସିହାରେ ଭାରତୀୟ ପିଙ୍ଗଳ କୋର୍ଡର ଧାରା୧୨୪-ଏ ରେ ସର୍ବକାଳୀନ ସର୍ବାଧିକ ୩୦ଟି ମାମଲା ହୋଇଥିଲା । ତାପରଠାରୁ ଦେଶରେ ସେହି ଧାରାର ବହୁଳ ବ୍ୟବହାର ଉଚ୍ଚାରଣ ଓ ଆଚରଣରେ ଦେଖାଦେଲା । ୨୦୧୯ରେ ମାମଲା ସଂଖ୍ୟା ୯୩ରେ ପହଂଚିଲା, ଯାହାକି ଚିନ୍ତାର କାରଣ ହେଲା । ସତରେ କଣ ଦେଶରେ ଦେଶ ଦ୍ରୋହ ବଢ଼ିଛି ନା ଆଉ କିଛି, ସେ ନେଇ ଦେଶର ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ଭାଳେଣୀ ପଡିଲା ଓ ତାର ପୁଂଖାନୁପୁଂଖ ତର୍ଜମା କରିବା ଆବଶ୍ୟକ ହେଲା । ଦେଖାଗଲା ଯେ କେହି ଯଦି କିଛି ବିରୋଧ ବା ସମାଲୋଚନା ସରକାରଙ୍କୁ କରିଛି, ସେ ଦେଶ ଦ୍ରୋହ ମାମଲାରେ ଛନ୍ଦି ହୋଇ ପଡିଛି । ବହୁ ଛାତ୍ରନେତା, ରାଜନେତା ଠାରୁ ଆରମ୍ଭକରି ସାମ୍ବାଦିକ ପର୍ଯ୍ୟନ୍ତି ରାଜ ଦ୍ରୋହ ମାମଲାର ଶୀକାର ହୋଇଛନ୍ତି । ହେଲେ ସରକାର ପରବର୍ତି ମୁହୁର୍ତରେ ସେମାନଙ୍କୁ ଦୋଷୀ କରି ପାରିବାରେ ବିଫଳ ହୋଇଛନ୍ତି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବହୁ ବାର ଏହାର ତର୍ଜମା କରିଛନ୍ତି ଓ ଗଣତନ୍ତ୍ର ରାଷ୍ଟ୍ରରେ ସରକାରକୁ ସମାଲୋଚନା କରିବା ବା ବିରୋଧ କରିବାକୁ କୌଣସି ପ୍ରକାରାନ୍ତିରେ ଦେଶ ଦ୍ରୋହ ବୋଲି କୁହାଯାଇ ପାରିବ ନାହିଁ ଭଳି ବିଚାର ଦେଇଛନ୍ତି । ଆମ ଦେଶର ଜଣେ ସ୍ୱନାମଧନ୍ୟ ଆଗ ଧାଡିର ସାମ୍ବାଦିକ ବିନୋଦ ଦୁଆଙ୍କ ମାମଲାରେ ସରକାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ଦେଶ ଦ୍ରୋହ ମାମଲାକୁ ରଦ୍ଦ କରିବା ସହ ଯେଉଁଭଳି ଭାବରେ ମନ୍ତବ୍ୟ ପ୍ରଦାନ କରିଛନ୍ତି, ତା ଦେଶର ଗଣତନ୍ତ୍ରର ରକ୍ଷା କବଚ ପ୍ରାୟ କାମ କରିବ । ସରକାର ବା ପ୍ରଶାସନଙ୍କୁ ସମାଲୋଚନା ବା ବିରୋଧ ଟିପଣୀ କରିବା ରାଜଦ୍ରୋହ ନୁହେଁ ବୋଲି ପ୍ରକାଶ କରିବା ସହ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ଦେଶର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଦେଶ ମଧ୍ୟରେ ଭ୍ରାତୃତ୍ୱ ଭାବର ବିକାଶ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଦେଶରେ ଜାତି ଜାତି ଓ ଧର୍ମ ଧର୍ମ ଭିତରେ ମତଭେଦ ସୃଷ୍ଟି କରିବା ଦେଶ ପାଇଁ ବିପଦ ସୃଷ୍ଟି କରିବ । ଗଣତନ୍ତ୍ର ରାଷ୍ଟ୍ରରେ ସମସ୍ତଙ୍କୁ ସମାନ ଭାବରେ ବିବେଚନା କରି ସମସ୍ତେ ଭାରତୀୟ ଓ ଗୋଟିଏ ମାଆର ସନ୍ତାନ ଭାବି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଦେଶର ଜନତାଙ୍କୁ ଉତ୍ତମ ସେବା ଓ ସୁଶାସନ ଦେବା ଆଳରେ ସରକାରଙ୍କ ବିଭିନ୍ନ ପ୍ରକାର କାର୍ଯ୍ୟଶୈଳୀ ତାଙ୍କୁ ଅଳନ୍ଦି ଭିତରକୁ ଟାଣି ନେଇ ହିନ ମାନସିକତାକୁ ପଦାରେ ପକାଇ ଦେଇଛି । ବର୍ତ୍ତମାନ ଦେଶ କରୋନା ମହାମାରୀ ସହ ଅହରହ ସଂଗ୍ରାମ କରୁଥିବା ବେଳେ ଦେଶରେ ସରକାର ଜାଣିଶୁଣି ଦରବୃଦ୍ଧି ଓ ବେରୋଜଗାରୀ ବଢାଇ ଏକ ଅହେତୁକ ଭୟ ସୃଷ୍ଟି କରାଇଛନ୍ତି । ଏ ସମୟରେ ସାଧାରଣ ଜନତା ନିଶ୍ଚିତ ସମାଲୋଚନା ଓ ବିରୋଧ କରିବେ । ଏଭଳି କାର୍ଯ୍ୟପ୍ରଣାଳୀକୁ ଜନତା ବିରୋଧ କରିବାକୁ ମନ ବଳାଇଲେ ବି ତାଙ୍କ ମନ ଭିତରେ ଏକ ଅହେତୁକ ଭୟ ରହୁଛି କାଳେ ସରକାର ତାଙ୍କୁ ଦେଶ ଦ୍ରୋହ ମାମଲାରେ ଛନ୍ଦି ଦେବେ । ଗଣତନ୍ତ୍ରିକ ରାଷ୍ଟ୍ରରେ ଜନତାର ସ୍ୱରକୁ ବନ୍ଦ କରିବା କଷ୍ଟକର ହେବ, ହୁଏତ କୌଣସି ଆଳ ଦେଖାଇ ସରକାର ସେଭଳି ବିରୋଧକୁ ଏଡାଇ ଦେଇ ପାରନ୍ତି, କିନ୍ତୁ ତା ନିଶ୍ଚିତ ପକ୍ଷେ କ୍ଷଣସ୍ଥାୟୀ । ଦେଶରେ ତିନି କୃଷକ ଆଇନକୁ ବିରୋଧ କରି ଚାଷୀମାନଙ୍କ ଦ୍ୱାରା ଅନେକ ଦିନରୁ ଆନ୍ଦୋଳନ ଚାଲିଛି, ସରକାର ସେମାନଙ୍କ ପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କ ଆନ୍ଦୋଳନକୁ ଅଗଣତାନ୍ତ୍ରିକ ବୋଲି କହି ପାରନ୍ତି, କିନ୍ତୁ ଗଣତନ୍ତ୍ର ରାଷ୍ଟ୍ରରେ ସରକାର ସେମାନଙ୍କ ମତକୁ ଉପେକ୍ଷା କରି ପାରିବେ ନାହିଁ, ବରଂ ଆଲୋଚନା ମାଧ୍ୟମରେ ସେମାନଙ୍କର ଦାବିର ତର୍ଜମା ହେବା ଆବଶ୍ୟକ । ନଚେତ ଦେଶର ନ୍ୟାୟିକ ବ୍ୟବସ୍ଥାରେ ତାର ସମାଧାନ ହେବା ଗ୍ରହଣୀୟ ହେବ । ଦେଶଦ୍ରୋହୀ ବୋଲି କାହାକୁ ବିବେଚନା କରାଯିବ, ତାର ନ୍ୟାୟିକ ତର୍ଜମା ହେଉ । ସେଥିପାଇଁ ଏକ ବିତର୍କର ଆୟୋଜନ ହେଉ । ଦେଶର ଗୁଣୀ, ମାନୀ ବୁଦ୍ଧିଜୀବୀମାନେ ସେ ନେଇ ଆଲୋଚନା କରନ୍ତୁ ଓ ଏକ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ହେଉ, ତାହେଲେ ଗଣତନ୍ତ୍ର ରାଷ୍ଟ୍ରର ଗାରିମା ବଢ଼ିବ ଓ ଦେଶ ନିଜର ବିଚାରଧାରାରେ ସର୍ବସମ୍ମୁଖରେ ଉତ୍କୃଷ୍ଟ ହେବ ଏଥିରେ ସନ୍ଦେହ ନାହିଁ ।

ଗୋପାଳ ଚନ୍ଦ୍ର ନାଥ,
ସାମ୍ବାଦିକ, ଅନୁଗୋଳ
ମୋ-୯୪୩୭୨୯୦୬୬୨

# ବୃକ୍ଷରୋପଣର ଉପକାରିତା ଓ ପୁରାଣ


ଡ. ମନୋରଂଜନ ମହାନ୍ତି

ପ୍ରକୃତିର ମହତ୍ୱପୂର୍ଣ୍ଣ ଅଂଶ ହେଉଛି ବୃକ୍ଷ । ମାନବ ସଭ୍ୟତାର ଅଂଶ ବିଶେଷ ରୂପେ ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ମୁଖ୍ୟ ଭୂମିକା ରହିଛି ବୋଲି ସଂସ୍କୃତ ସାହିତ୍ୟରେ ବର୍ଣ୍ଣନା କରାଯାଇଛି । ବୃକ୍ଷ ବିନା ମନୁଷ୍ୟ ସୂଚାର ରୂପେ ଜୀବନ ଧାରଣ କରିପାରିବ ନାହିଁ । ପ୍ରାଚୀନ କାଳରୁ ବୃକ୍ଷ ଗୁଡିକ ମାନବ ସମାଜକୁ ଖାଦ୍ୟ, ବସ୍ତ୍ର, ଜଳ, ଆଶ୍ରୟ, ଛାୟା, ଜାଳେଣୀ କାଠ, ଔଷଧ, ଗୃହ ଉପକରଣ, କାଗଜ ସମେତ ଅନେକ ମୂଲ୍ୟବାନ ସାମଗ୍ରୀ ବିନା ସର୍ତ୍ତରେ, ବିନା ମୂଲ୍ୟରେ ଅଯାଚୀତ ଭାବରେ ପ୍ରଦାନ କରି ଆସୁଛନ୍ତି । କାରଣ ବୃକ୍ଷ ମନୁଷ୍ୟର ପରମ ବନ୍ଧୁ ଓ ବୃକ୍ଷର ବିକଳ୍ପ ନାହିଁ । ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ବୃକ୍ଷର ଅବଦାନ ଅତୁଳନୀୟ । ପ୍ରାଣୀଜଗତ ଓ ପ୍ରକୃତି ଅଙ୍ଗାଙ୍ଗୀଭାବେ ଜଡିତ । ଗୋଟିକର ଅଭାବରେ ଅନ୍ୟଟିର ସ୍ଥିତି ଅସମ୍ଭବ । ପ୍ରକୃତି, ପରିବେଶ ଓ ପରମେଶ୍ୱର ହେଉଛନ୍ତି ବାସ୍ତବରେ ମହାନ୍ । ସେମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି । ଯଦି ପୃଥିବୀର ସବୁ ବୃକ୍ଷଗୁଡିକୁ ନଷ୍ଟ କରିଦିଆଯାଏ ତେବେ ସମଗ୍ର ମାନବ ସମାଜ ଓ ପ୍ରାଣୀଜଗତ ମାତ୍ର କିଛି ଦିନରୁ ଅଧିକ ସମୟ ବଞ୍ଚି ପାରିବେ ନାହିଁ । କାରଣ ବୃକ୍ଷମାନେ ହିଁ ଆମ ସମସ୍ତଙ୍କୁ ନିଶ୍ୱାସରୁ ନିର୍ଗତ ବିଷାକ୍ତ ଅଙ୍ଗାରକ୍ଳାମକୁ ଗ୍ରହଣ କରି ତା ବଦଳରେ ଜୀବନ ପ୍ରଦାନକାରୀ ଅମ୍ଳଜାନ ଯୋଗାଇଥାନ୍ତି । ଅଥଚ ଆମେ ମୂର୍ଖତା, ଅଜ୍ଞତା, କୃତଘ୍ନତାରେ ସର୍ବୋପକାରୀ ବୃକ୍ଷମାନଙ୍କୁ କାଟି, ହାଣି ସବୁଜ ଅରଣ୍ୟାଦୀକୁ ଧ୍ୱଂସ କରିଚାଲିଛେ । ମନୁଷ୍ୟର ଉପକାର ପାଇଁ ମୋଟ ଜମିର ତିନିଭାଗ ଜଙ୍ଗଲ ଆବଶ୍ୟକ ଥିବାବେଳେ ସଂମ୍ପ୍ରତି ଦଶ ଭାଗରୁ ଏକ ଭାଗ ଜଙ୍ଗଲ ଅଛି । ପ୍ରତିବର୍ଷ ୨୫ ଲକ୍ଷ ଏକର ଜମିରୁ ଜଙ୍ଗଲ ନଷ୍ଟ ହେଉଛି ଓ ପ୍ରତିଦିନ ଗୋଟିଏ ଲେଖାଁଏ ଜାତିର ଗଛ ଜଙ୍ଗଲରୁ ନିଶ୍ଚିହ୍ନ ହୋଇଯାଉଛି । ନଦୀ ଦ୍ୱାରା ଧୋଇହୋଇ ୬ ଶହ କୋଟି ଟନ୍ ପରିମାଣର ଉର୍ବର ମାଟି ସମୁଦ୍ରକୁ ବୋହିଯାଉଛି । ୧୮୦୪ ମସିହାରେ ବିଶ୍ୱ ଜନସଂଖ୍ୟା ୧୦୦ କୋଟି ଥିବାବେଳେ ୧୯୨୭ ରେ ୨୦୦ କୋଟି, ୧୯୬୦ ରେ ୩୦୦ କୋଟି, ୧୯୭୪ ରେ ୪୦୦ କୋଟି ଏବଂ ୧୯୮୭ ରେ ୫୦୦ କୋଟି, ୧୯୯୯ ରେ ୬୦୦ କୋଟି, ୨୦୧୧ ରେ ୭୦୦ କୋଟି ଏବଂ ଜୁନ୍ ୨୦୨୧ ରେ ୭୯୦ କୋଟି ଅଟେ । ଏହିପରି ହାର ବୃଦ୍ଧି ହେଲେ ୨୦୨୫ ମସିହାରେ ୮୦୦ କୋଟି, ୨୦୪୦ ରେ ୯୦୦ କୋଟି ଏବଂ ୨୦୬୧ ମସିହାରେ ୧୦୦୦ କୋଟିକୁ ବିଶ୍ୱ ଜନସଂଖ୍ୟା ଛୁଇଁବ । ସେହିପରି ୧୭୫୦ ମସିହାରେ ଭାରତର ଜନସଂଖ୍ୟା ୧୨ କୋଟି ୫୦ ଲକ୍ଷ ଥିବାବେଳେ ୧୯୪୧ ମସିହାରେ ୩୮ କୋଟି ୯୦ ଲକ୍ଷ ଏବଂ ୨୦୧୧ରେ ହୋଇଥିବା ୧୨୧ କୋଟି । ବିଗତ ଦଶନ୍ଧିରେ ଜନସଂଖ୍ୟା ଯେଉଁଭଳି ବୃଦ୍ଧି ପାଇଛି ସେହି ହାର ଅନୁସାରେ ୨୦୧୯ ମସିହାରେ ୧୩୬ କୋଟି, ୨୦୨୦ ରେ ୧୩୮ କୋଟି ଏବଂ ୨୦୨୧ ମସିହାରେ ୧୩୯ କୋଟିକୁ ଆମ ଦେଶର ଜନସଂଖ୍ୟା ଛୁଇଁବ ବୋଲି ଆକଳନ କରାଯାଇଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଆଗାମୀ ଦିନରେ ଗୁରୁତର ସମସ୍ୟା ସୃଷ୍ଟି କରିବ । ଏଥିରୁ ମାନବ ସଭ୍ୟତା ମୁକୁଳିବାକୁ ହେଲେ ବୃକ୍ଷରୋପଣ ଅତି ଜରୁରୀ ଅଟେ । ପୁରାଣ ଅନୁସାରେ ବୃକ୍ଷରୋପଣ ଜୀବନକାଳ ମଧ୍ୟରେ ଓ ମୃତ୍ୟୁ ପରେ ମଧ୍ୟ ମନୁଷ୍ୟକୁ ସୁଖ, ସମୃଦ୍ଧି, ସୌଭାଗ୍ୟ ଓ ଆନନ୍ଦ ପ୍ରଦାନ କରେ । ଅଳଙ୍କାର, ବସ୍ତ୍ର, ପ୍ରସାଧନ ଓ କାଷ୍ଠଭିତ୍ତିକ ସାମଗ୍ରୀ ପ୍ରସ୍ତୁତି ଇତ୍ୟାଦି ଆର୍ଥିକ କ୍ଷେତ୍ରରେ ବୃକ୍ଷ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବରାହ ପୁରାଣ ରେ ବିଦ୍ୱାନ, ପଣ୍ଡିତ ଓ ଶିକ୍ଷିତ ବ୍ୟକ୍ତିମାନେ ବୃକ୍ଷକୁ ପୁତ୍ର ରୂପେ ସ୍ୱୀକୃତି ଦିଅନ୍ତି କାରଣ ଗୃହ ନିର୍ମାଣ ପାଇଁ କାଠ, କ୍ଷୁଦ୍ର ପ୍ରାଣୀଙ୍କ ପାଇଁ ଆଶ୍ରୟ, ପକ୍ଷୀଙ୍କ ପାଇଁ ନୀଡ ସହିତ ସାରାବର୍ଷ ଫଳ ପ୍ରଦାନ କରନ୍ତି । ବୃକ୍ଷର ସୁରକ୍ଷା ପାଇଁ ଚାଷିମାନେ ବନୀକରଣକୁ ଉତ୍ସାହିତ କରି ସେମାନେ ନିଜକୁ ବନୀକରଣ ସହିତ ସଂଶ୍ଳିଷ୍ଟ କରୁଥିଲେ । ସେମାନଙ୍କ ବିଶ୍ୱାସ ଥିଲା ଯେ ବୃକ୍ଷ ହିଁ କେବଳ ଧରାପୃଷ୍ଠରେ ଖାଦ୍ୟ, ଛାୟା, ଜାଳେଣୀ ଓ କାଠ ପ୍ରଦାନ କରନ୍ତି । ସ୍ୱତରାଂ ଚାରା ସୃଷ୍ଟି କରାଯାଇ ସେଗୁଡିକୁ ସୁରକ୍ଷିତ କରି ସମାଜକୁ ଦାନ ଦେବା ଉଚିତ୍ ବୋଲି ବିବେଚନା କରୁଥିଲେ । ବୃକ୍ଷରୋପଣ ଏକ ପବିତ୍ର କାର୍ଯ୍ୟ ବୋଲି ମତ୍ସ୍ୟ ପୁରାଣରେ ବର୍ଣ୍ଣିତ । ଯେଉଁ ବ୍ୟକ୍ତି କେବଳ ଗୋଟିଏ ମାତ୍ର ବୃକ୍ଷ ରୋପଣ କରେ ସେହି ବ୍ୟକ୍ତି ସ୍ୱର୍ଗ ଲାଭ କରି ମୋକ୍ଷ ପ୍ରାପ୍ତି ହୁଏ ବୋଲି ଏଥିରେ ବର୍ଣ୍ଣନା କରାଯାଇଛି । ଗଛଗୁଡିକୁ କାଟିବା କିମ୍ବା ଆଘାତ ଓ ଯନ୍ତ୍ରଣାକୁ ବିଷ୍ଣୁ ପୁରାଣରେ ନିରୁତ୍ସାହିତ କରାଯାଇଛି । ଅନ୍ୟ ସ୍ଥାନ ଅପେକ୍ଷା ଜଳାଶ୍ରୟ ନିକଟରେ ବୃକ୍ଷରୋପଣ କଲେ ଏକ ଲକ୍ଷ କୋଟି ଗୁଣ ଅଧିକ ଫଳ ମିଳିଥାଏ ବୋଲି ପଦ୍ମ ପୁରଣାରେ ଉଲ୍ଲେଖ ଅଛି । ଗୋଟିଏ ଅଶ୍ୱତ୍ଥ, ପାଞ୍ଚଟି ଆମ୍ବ ଓ ଦଶଟି ଫୁଲଗଛ ଲଗାଇଲେ ଜଣେ ବ୍ୟକ୍ତି ନର୍କଗାମୀ ହୁଏ ନାହିଁ ବୋଲି ଏହି ପୁରାଣରେ ବିଶ୍ୱାସ କରାଯାଏ । ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କିମ୍ବା ଫଳ ବଗିଚା ସୃଷ୍ଟି କଲେ ବିନା ଦ୍ୱିଧାରେ ଯମରାଜାଙ୍କ ବାସସ୍ଥାନକୁ ଅଗ୍ରସର ହେବ ବୋଲି ଶିବ ମହାପୁରାଣ ଉମା ସଂହିତାରେ ଉଲ୍ଲିଖିତ । ୨୦୩୦ ମସିହା ବେଳକୁ ବର୍ତ୍ତମାନ ଚାହିଦାର ୫୦ ପ୍ରତିଶତ ଅଧିକ ଖାଦ୍ୟ, ବ୍ୟହବାର ଉପଯୋଗୀ ଜଳ ଓ ଶକ୍ତି ଆବଶ୍ୟକ ହେବ ଯାହା ପୁରଣ ହେବା ଅସମ୍ଭବ । ତେଣୁ ବ୍ରିଟେନ୍ ସରକାରଙ୍କ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ୨୦୩୦ ମସିହା ଠାରୁ ସଭ୍ୟତାର ପତନ ବର୍ଷ ଆରମ୍ଭ ହେବ ବୋଲି ଭବିଷ୍ୟବାଣୀ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ୨୦୫୦ ମସିହାରେ ମାନବ ଜାତି ମହାପ୍ରଳୟ ଦେଖିବ ବୋଲି ଆଶଙ୍କା କରାଯାଉଛି । ଆମ ଦେଶର ଜାତୀୟ ରାଜପଥର ବିକାଶ ଓ ବିସ୍ତାର ପାଇଁ କେତେ ଯେ ଗଛ କଟାଯାଉଛି, ତାହାର ହିସାବ ରଖିବା କଷ୍ଟକର । ଦୁଇ ମିଟର ରାସ୍ତା ଓସାର କରିବା ପାଇଁ ୨୦୦ ବର୍ଷର ଗଛକୁ ମେସିନ୍ ଦ୍ୱାରା ୨୦ ମିନିଟ୍ ମଧ୍ୟରେ ଧରାଶାୟୀ କରିଦିଆଯାଉଛି । ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ପଦ୍ମ ପୁରାଣରେ ଉଲ୍ଲେଖ ଅଛି ଯେ ଦଶଟି କୂଅ ଖୋଳିଲେ ଯେତିକି ପୁଣ୍ୟ ମିଳେ, ସେତିକି ମିଳେ ଗୋଟିଏ ପୁଷ୍କରିଣୀରେ । ଦଶଟି ପୁଷ୍କରିଣୀ ଖୋଳିଲେ ଯେତିକି ପୁଣ୍ୟ ମିଳେ ସେତିକି ମିଳେ ଗୋଟିଏ ଗୁଣବାନ୍ ପୁତ୍ରରେ । ଦଶଟି ଗୁଣବାନ ପୁତ୍ରରେ ଯେତିକି ପୁଣ୍ୟ ମିଳେ ଗୋଟିଏ ବୃକ୍ଷରୋପଣ କରି ତାହାର ଯତ୍ନ ନେଲେ ସେତିକି ପୁଣ୍ୟ ମିଳିଥାଏ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପରିସରରେ ନିମ୍ବ ବୃକ୍ଷ ରୋପଣ କରି ଜଣେ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ଶହିଦ୍, ସ୍ଥାନୀୟ ଜନନେତା ଅଥବା ବିଶିଷ୍ଟ ବ୍ୟକ୍ତିଙ୍କ ନାମିତ କରାଯିବା ଉଚିତ୍ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁସାରେ ନିମ୍ବ ବୃକ୍ଷର ଫୁଲ, ପତ୍ର, ଫଳ ଓ ଛେଲି ଔଷଧୀୟ ଅଟେ । ନିମ୍ବ ବୃକ୍ଷ ଥିବା ଅଂଚଳର ୨୦ ମିଟର ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତି ଜୀବାଣୁ ଓ ଭୁତାଣୁମୁକ୍ତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିମ୍ବ ବୃକ୍ଷ ଶିକ୍ଷାନୁଷ୍ଠାନ ପରିସରରେ ରହିଲେ ଛାତ୍ରଛାତ୍ରୀମାନେ ନିରୋଗୀ ହେବେ, ଚର୍ମରୋଗ ହେବନି ଓ ସେମାନଙ୍କ ସ୍ମରଣ ଶକ୍ତି ବୃଦ୍ଧି ପାଇବ । ଧାର୍ମିକ ଦୃଷ୍ଟିକୋଣରୁ ନିମ୍ବ ବୃକ୍ଷ ରୋପଣ କଲେ କେବେ ନା କେବେ ଜଗନ୍ନାଥ ମହାପ୍ରଭୁଙ୍କ ଦାରୁବ୍ରହ୍ମ ରୂପେ ଆବିର୍ଭାବ ହେବ । ବର୍ତ୍ତମାନ ସାରାଦେଶରେ ୭୨ ତମ ବନମହୋତ୍ସବ ସପ୍ତାହ ପାଳନ ହେଉଛି । ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନରୁ ବିଶ୍ୱବାସୀ ରକ୍ଷା ପାଇବାକୁ ହେଲେ ବୃକ୍ଷରୋପଣ ନିହାତି ଆବଶ୍ୟକ । ବୃକ୍ଷ ରୋପଣକୁ ବ୍ୟାପକ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ୧୦ ଟି ଚାରା ରୋପଣ ବାଧ୍ୟତାମୂଳକ କରିବା ଆବଶ୍ୟକ । ଚାରାରୋପଣ ପରେ କଣ କରିବା ଓ କଣ କରିବାନି ତାହା ସେମାନେ ଶିକ୍ଷା ପାଇବା ଉଚିତ୍ । ଯେପରିକି ଅତି ଖରାରେ ଗଛରେ ପାଣି ଦେବାନି, ପତ୍ର ଉପରେ ପାଣି ଛିଞ୍ଚିବା ନାହିଁ ଓ ମାଟିରେ ଅତ୍ୟଧିକ ପାଣି ଦେବା ନାହିଁ ଇତ୍ୟାଦି । ସେହିପରି ସନ୍ଧ୍ୟା ସମୟ କିମ୍ବା ପ୍ରାତଃ ସକାଳ ପାଣି ଦେବା ପାଇଁ ଉଚିତ୍ ସମୟ, ଗଛରେ ଧୀରେ ଧୀରେ ପାଣି ଦେବା, ମାଟିକୁ ଘାସ ଓ କୁଟା ଦ୍ୱାରା ଘୋଡାଇ ରଖିବା ଏବଂ ମାଟିକୁ ସର୍ବଦା ଓଦା ରଖିବା ଇତ୍ୟାଦି ମୂଲ୍ୟବାନ ବାର୍ତ୍ତା ଜନସାଧାରଣରେ ପହଞ୍ଚାଇଲେ ବୃକ୍ଷରୋପଣ ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ ହୋଇପାରିବ । କାରଣ ସୁବଜିମା ହିଁ ସୁସ୍ଥତା ଆମମାନଙ୍କ ଗୁରୁଦାୟିତ୍ୱ ଅଟେ ।

ମୁଖ୍ୟ, ଇତିହାସ ବିଭାଗ,
ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ
ମହାବିଦ୍ୟାଳୟ, ଖୁଣ୍ଟୁଣି
ମୋ. ନଂ-୯୪୩୮୨୭୯୦୧୫

# କୋରୋନା ମୃତକଙ୍କୁ କ୍ଷତିପୂରଣ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କେନ୍ଦ୍ର ସରକାରଙ୍କ କୁଣ୍ଠାବୋଧ ଏବଂ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ସୁପ୍ରିମକୋର୍ଟ ମହାମାରୀ କୋରୋନାରେ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ କ୍ଷତିପୁରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦେବା ଏକ ସମୟୋପଯୋଗୀ ଏବଂ ସାମ୍ବିଧାନିକ ପଦକ୍ଷେପ ବୋଲି କୁହାଯାଇପାରିବ । କେବଳ ଏତିକି ନୁହେଁ, ଆସନ୍ତା ୬ ସପ୍ତାହ ମଧ୍ୟରେ ଆବଶ୍ୟକୀୟ ନିୟମାବଳୀ ପ୍ରସ୍ତୁତ କରି କ୍ଷତିପୂରଣ ପ୍ରଦାନ କରିବାକୁ କହିଛନ୍ତି । କହିବା ବାହୁଲ୍ୟ ଯେ, କୋରୋନାରେ ମୃତକଙ୍କ ପରିବାରକୁ କ୍ଷତିପୁରଣ ବା ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ କେନ୍ଦ୍ର ସରକାର କୁଣ୍ଠା ପ୍ରକାଶ କରିବା ସହ କ୍ଷତିପୁରଣ ପ୍ରଦାନ କଲେ, ରାଜକୋଷ ଖାଲି ହୋଇଯିବ ବୋଲି ଦର୍ଶାଇଥିଲେ । କେନ୍ଦ୍ର ଯୁକ୍ତିକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ବିପର୍ଯ୍ୟାୟରେ କ୍ଷତିପୁରଣ ପ୍ରଦାନ ଇଚ୍ଛାଧୀନ ନୁହେଁ, ବାଧ୍ୟତାମୂଳକ ନୁହେଁ ବୋଲି ସ୍ପଷ୍ଟ କରିବା ଏବେ କୋରୋନାରେ ନିଜ ଆତ୍ମୀୟ ସ୍ୱଜନଙ୍କୁ ଅକାଳରେ ହରାଇ ଥିବା ଲକ୍ଷ ଲକ୍ଷ ପରିବାରଙ୍କ ପାଇଁ ଆଶ୍ୱସ୍ତି ଓ ସନ୍ତୋଷ ଆଣିଥିବ ନିଶ୍ଚିତ । ତେବେ ମୃତକଙ୍କ ପାଇଁ ମୁଣ୍ଡପିଛା କେତେ କ୍ଷତିପୁରଣ ଦିଆଯିବ, ତାହା ସୁପ୍ରିମକୋର୍ଟ ସ୍ପଷ୍ଟ କରିନାହାଁନ୍ତି କିନ୍ତୁ କ୍ଷତିପୁରଣ ରାଶି ଏବଂ ନିୟମାବଳୀ ସମ୍ପର୍କରେ ୬ ସପ୍ତାହ (ଦେଢ଼ମାସ) ମଧ୍ୟରେ ନିଷ୍ପତି ନେବାକୁ ଜାତୀୟ ବିପର୍ଯ୍ୟାୟ ପରିଚାଳନା କର୍ତୃପକ୍ଷ (ଏନଡିଏମଏ) କୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପ୍ରାକୃତିକ ବିପର୍ଯ୍ୟାୟ, ଦୁର୍ଘଟଣା ବିପତି, କୌଣସି ଅଂଚଳର ମଣିଷକୃତ କିମ୍ବା ପ୍ରାକୃତିକ ବିପତି, କ୍ଷେତ୍ରରେ ଅନୁକମ୍ପାମୂଳକ ସହାୟତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଇ ଆସୁଛନ୍ତି । ଏଥିପାଇଁ ୨୦୦୫ରେ ଜାତୀୟ ବିପର୍ଯ୍ୟାୟ ପରିଚାଳନା ଆଇନ ପ୍ରଣିତ ହୋଇଛି । ଜାତୀୟ ବିପତି ପରିଚାଳନା ଲାଗି ସ୍ୱତନ୍ତ୍ର ସାମ୍ବିଧାନିକ ସଂସ୍ଥା ମଧ୍ୟ ରହିଛି । ତେବେ କେଉଁ ବିପତି ପାଇଁ କେତେ ଟଙ୍କା କ୍ଷତିପୂରଣ ଦିଆଯିବ, ଆଇନରେ ତାହା ସ୍ପଷ୍ଟ ଉଲ୍ଲେଖ ନଥିବା ସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁକମ୍ପାମୂଳକ ସହାୟତା ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରିଥାନ୍ତି । ଉଲ୍ଲେଖ କରାଯାଇପାରେ ଯେ, ମହାମାରୀ କୋରୋନାକୁ କେନ୍ଦ୍ର ସରକାର ଜାତୀୟ ବିପତି ଭାବେ ପ୍ରଥମରୁ ଘୋଷଣା କରିଛନ୍ତି । ଆମ ଦେଶରେ ଗତ ୨୦୨୦ ମସିହା ମାର୍ଚ୍ଚ ମାସରେ ପ୍ରଥମ କୋରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟରେ କୁହାଯାଇଛି । ତେବେ ବେସରକାରୀ ଭାବେ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହେବ, ଏଥିରେ ସନ୍ଦେହ ନାହିଁ । ପ୍ରକୃତ ମୃତ୍ୟୁ ସଂଖ୍ୟା ସରକାର(ଉଭୟ କେନ୍ଦ୍ର ଓ ରାଜ୍ୟ) ଲୁଚାଇଥିବା ଅଭିଯୋଗ ହୋଇଛି । ଗଙ୍ଗାନଦୀରେ ହଜାର ହଜାର ମୃତଦେହ ଭାସିବା, ଶ୍ମଶାନରେ ଜୁଇ ନଲିଭିବା, କବର ଜମିରେ ସ୍ଥାନ ଅଭାବ ଆଦି ଘଟଣାରୁ ଏଭଳି ଅଭିଯୋଗକୁ ଅଣଦେଖା କରାଯାଇନପାରେ । ଏହା ସତ୍ୟ ଯେ, ମହାମାରୀ କୋରୋନା ଦେଶରେ ଲକ୍ଷ ଲକ୍ଷ ପରିବାରକୁ ଉଜାଡି ଦେଇଛି । ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କ ଜୀବନ ନେଇଛି, ହଜାର ଶିଶୁଙ୍କୁ ଅନାଥ କରିଦେଇଥିବା ବେଳେ ହଜାର ହଜାର ମହିଳାଙ୍କୁ ବିଧବା ସଜାଇଛି । ଅବଶ୍ୟ ଇତିମଧ୍ୟରେ ଓଡିଶା ସରକାରଙ୍କ ସମେତ କେତେକ ରାଜ୍ୟ ସରକାର ଅନାଥ ଶିଶୁମାନଙ୍କ ଭରଣ ପୋଷଣ ଓ ଥଇଥାନ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବା ସହ ସ୍ୱାମୀଙ୍କୁ ହରାଇଥିବା ମହିଳାଙ୍କ ପାଇଁ ବିଧବା ଭତା ଘୋଷଣା କରିଛନ୍ତି । ଅନାଥଙ୍କ ପାଇଁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଯୋଜନା ଘୋଷଣା କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ସ୍ପଷ୍ଟ ହୋଇନାହିଁ । ଏହା ସତ୍ୟ ଯେ ଗତ ଦେଢ ବର୍ଷ ଧରି ମହାମାରୀ କୋରୋନା କେବଳ ଭାରତ ନୁହେଁ, ବିଶ୍ୱର ୨୧୬ଟି ରାଷ୍ଟ୍ରରେ ବିପର୍ଯ୍ୟାୟର କାରଣ ହୋଇଛି । ଅର୍ଥବ୍ୟବସ୍ଥା ଭୁଷୁଡି ପଡିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । କୋଟି କୋଟି ଲୋକ ଜୀବିକା ହାଇବା ସହ ବେରୋଜଗାରୀ ହୋଇପଡିଛନ୍ତି । ଆୟ କମିଛି । ଏପରି ସ୍ଥଳେ ମହାମାରୀ କୋରୋନା 'ଜୀବିକା-ଜୀବନ' ଉପରେ ତାଣ୍ଡବ ସୃଷ୍ଟି କରିଛି । ବିଭିନ୍ନ ଅଘଟଣ, ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟାୟରେ ମୃତାହତ ବା କ୍ଷୟକ୍ଷତି ପାଇଁ ସରକାର କ୍ଷତିପୂରଣ ପ୍ରଦାନ କରୁଥିବା ବେଳେ ଜାତୀୟ ବିପର୍ଯ୍ୟାୟ ଘୋଷିତ ମହାମାରୀ କୋରୋନାରେ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୁରଣ ଦେବା ପାଇଁ କାହିଁକି କୁଣ୍ଠାବୋଧ କରୁଛନ୍ତି, ବୁଝାପଡୁନାହିଁ । ମହାମାରୀ କୋରୋନା ପରିଚାଳନାରେ ସମାଲୋଚନାର ଶରବ୍ୟ ହୋଇଥିବା କେନ୍ଦ୍ର ସରକାର କ୍ଷତିପୁରଣ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏକ ସୁଯୋଗ ସୃଷ୍ଟି କରିଛି ବୋଲି କୁହାଯାଇପାରେ । ତେବେ ସରକାର ଟଙ୍କା କ୍ଷତିପୁରଣ ଘୋଷଣା କରିବେ, ତାହା ଦେଖିବାକୁ ତାଲିକା ପ୍ରକାଶ ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯




# ଆନନ୍ଦପୁର ଜଳସମ୍ପଦ ବିଭାଗରେ ଟେଣ୍ଡର ଦୁର୍ନୀତି




ଆନନ୍ଦପୁର: ଆନନ୍ଦପୁର ଜଳସମ୍ପଦ ବିଭାଗରେ ହୋଇଛି ଟେଣ୍ଡର ଦୁର୍ନୀତି। କେନ୍ଦୁଝର ଜିଲ୍ଲା ଶାଳପଡା ମେକାନିକାଲ ଡିଭିଜନରେ ପ୍ରାୟ ୩କୋଟି ଟଙ୍କାର କାମକୁ ଖୋଲା ଟେଣ୍ଡର ନ ଡାକି ୬୦ଟି ଗୁପ୍ତ ଟେଣ୍ଡର କରାଯାଇଛି । ନିଜ ସୁବିଧାରେ କିଛି ଜଣାଶୁଣା ଠିକା ସଂସ୍ଥା ହାତରେ ସମ୍ପୂର୍ଣ୍ଣ କାମକୁ ଟେକି ଦିଆଯାଇଛି । ଗତ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ଏସବୁ ଗୁପ୍ତ ଟେଣ୍ଡର କରାଯାଇ ସରକାରୀ ସମ୍ପତ୍ତି ଲୁଟ୍ କରିବାକୁ ବ୍ୟବସ୍ଥା ହୋଇଛି । ଜଳସମ୍ପଦ ବିଭାଗ ଶାଳପଡା ମେକାନିକାଲ ଡିଭିଜନ ଦ୍ୱାରା କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ମେକାନିକାଲ କାମ ନିୟନ୍ତ୍ରିତ ହୋଇଥାଏ । ବିଶେଷ କରି ଚେକ୍ ଡ୍ୟାମ୍ ଓ ଡ୍ୟାମ୍ ମରାମତି କାର୍ଯ୍ୟ ଏହି ଡିଭିଜନ ଦ୍ୱାରା କରାଯାଇଥାଏ । ପ୍ରତିବର୍ଷ ବର୍ଷା ଋତୁ ପୂର୍ବରୁ ୪ଟି ଜିଲ୍ଲାରେ ଥିବା ବିଭିନ୍ନ ଡ୍ୟାମ୍ ଏବଂ ଚେକ୍ ଡ୍ୟାମ୍ ମରାମତି ହୋଇଥାଏ । ମୌସୁମୀ ପୂର୍ବରୁ ଡ୍ୟାମ୍‌ର କବାଟରେ ଲାଗିଥିବା ଲୁହା ରୋପକୁ ନରମ ରଖିବା ପାଇଁ କେଟିୟମ୍ କମ୍ପାଉଣ୍ଡ ରୋପ ୱେୟାର ମେଣ୍ଟେନାନ୍ସ, ଡ୍ୟାମ୍ ଗେଟ୍‌ରେ ରବର ସିଲ୍ ମେଣ୍ଟାନାନ୍ସ, ହେଡ୍ ରେଗୁଲେଟର ମେଣ୍ଟନାନ୍ସ ଆଦି କାମ କରାଯାଇ ଥାଏ । ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାର ବିଦ୍ୟାଧରପୁର ଡ୍ୟାମ୍, କାନଝାରୀ ଡ୍ୟାମ୍, ରେମାଳ ଡ୍ୟାମ୍, ହଦଗଡ ଡ୍ୟାମ୍, ମୟୁରଭଞ୍ଜର ସୁନେଇ ଡ୍ୟାମ୍, ନେସୁଆ ଡ୍ୟାମ୍, ଖଡିଖାଇ ଡ୍ୟାମ୍ ପରି ୪ଟି ଜିଲ୍ଲାର ବିଭିନ୍ନ ଡ୍ୟାମ୍ ମରାମତି ଆବଶ୍ୟକ ହେଉଥିଲା । ଏଥିପାଇଁ ପ୍ରାୟ ୩କୋଟି ଟଙ୍କା ଖର୍ଚ୍ଚ ହେବ । ସରକାରୀ ନିୟମ ଅନୁସାରେ ୫ଲକ୍ଷରୁ ଅଧିକ ଟଙ୍କାର କାମ ନେଲେ ଖୋଲା ଟେଣ୍ଡର ଡକାଯିବ । ଯେଉଁଥିରେ ସମସ୍ତ ଠିକା ସଂସ୍ଥା ଭାଗ ନେଇ ପାରିବେ । ଦ୍ୱିତୀୟରେ ଯେଉଁ କାମ ୫ଲକ୍ଷ ଟଙ୍କାରୁ କମ୍ ତାହା ମଧ୍ୟ କିଭଳି କରାଯିବ ସେ ନେଇ ହାଇକୋର୍ଟର ଏକ ନିର୍ଦ୍ଦେଶନାମା ରହିଛି । ମାର୍ଚ୍ଚ ୨ତାରିଖରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଜଳସମ୍ପଦ ବିଭାଗର ଯେଉଁ ମରାମତି କାର୍ଯ୍ୟ ୧୦ହଜାରରୁ ୫ଲକ୍ଷ ଟଙ୍କା ମଧ୍ୟରେ ହୋଇଥିବ ତାହାର ନୋଟିସ୍ ମେକାନିକାଲ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଓଡିଶା ୟଙ୍ଗ ଏଣ୍ଟରପ୍ରିନର୍ସ ଆସୋସିଏସନ୍ (ଓୟେ)କୁ ପଠାଯିବ । ଓୟେକୁ ନୋଟିସ ପଠାଯିବା ପରେ ଯେଉଁମାନେ ଏହି ମରାମତି କାର୍ଯ୍ୟ କରିବାକୁ ଆଗ୍ରହୀ ସେମାନେ ଆବେଦନ କରିପାରିବେ । ମାତ୍ର ସମସ୍ତ ନୀତିନିୟମକୁ ଦଳମକଚି ଜଳସମ୍ପଦ ବିଭାଗ ଶାଳପଡା ମେକାନିକାଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ୩କୋଟି ଟଙ୍କାର କାମକୁ ୬୦ଟି ଗୁପ୍ତ ଟେଣ୍ଡର କରି ଜଣାଶୁଣଆ ଠିକା ସଂସ୍ଥା ହାତରେ ଟେକି ଦେଇଛନ୍ତି । ଏସବୁ ଗୁପ୍ତ ଟେଣ୍ଡର ଦ୍ୱାରା ମୁଖ୍ୟତଃ ଦେବ ଇନିୟରିଂ, ପି.ବି. ଇଣ୍ଡଷ୍ଟ୍ରି, ସୁମନ ଇଣ୍ଡଷ୍ଟ୍ରି, ଆଦିତ୍ୟ ଏଣ୍ଟରପ୍ରାଇଜର୍ସ ଭଳି ଠିକା ସଂସ୍ଥା ଲାଭବାନ ହୋଇଛନ୍ତି । ସବୁଠାରୁ ବଡକଥା ହେଉଛି କେନ୍ଦୁଝର ଜିଲ୍ଲାର ବିଭିନ୍ନ ଡ୍ୟାମ୍‌ରେ ହୋଇଥିବା ଏହି ମରାମତି କାର୍ଯ୍ୟରେ ଅଧିକାଂଶ ଗୁପ୍ତ ଟେଣ୍ଡର ହିତାଧିକାରୀ ହେଉଛନ୍ତି କେନ୍ଦୁଝର ଜିଲ୍ଲା ବାହାର ଠିକା ସଂସ୍ଥା । ଏମାନେ ସମସ୍ତେ କଟକ, ଭୁବନେଶ୍ୱର, ଯାଜପୁର ଅଂଚଳର । ଅନ୍ୟପକ୍ଷରେ ବର୍ଷା ପୂର୍ବରୁ ହେବାକୁ ଥିବା ଏହି ମରାମତି କାର୍ଯ୍ୟ ଏବେ ଖୁବ୍ ଜୋରଦାର ଭାବେ ଚାଲିଛି । କାମ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଆସୁଛି । ଯାହାର ଉଦାହରଣ ହେଉଛି ଡ୍ୟାମ୍ ଗେଟ୍ ମରାମତି ପାଇଁ ବ୍ୟବହାର ହୋଇଥିବା ଲୁହା ପ୍ଲେଟ୍ । ଏହି ଲୁହା ପ୍ଲେଟ୍ ବ୍ୟବହାର ସମ୍ପର୍କରେ ଜଳସମ୍ପଦ ବିଭାଗରପ ନିର୍ଦ୍ଦିଷଟ ନିୟମ ଅଛି । ଲୁହା ପ୍ଲେଟ ଗୁଡିକ ସାଧାରଣତଃ ୮ ଏମ୍‌ଏମ୍ ମୋଟେଇ ହେବା କଥା । ସେଲ୍ କିମ୍ବା ଜେଏସଡବ୍ଲ୍ୟୁ ଭଳି ବ୍ରାଣ୍ଡର ଲୁହା ପ୍ଲେଟ୍ ବ୍ୟବହାର ହେବା କଥା ମାତ୍ର ଏଠାରେ ୬ଏମ୍‌ଏମ୍‌ର ଲୁହା ପ୍ଲେଟ ବ୍ୟବହାର ହୋଇଛି । ଯେଉଁଥି ପାଇଁ ପ୍ରତିବର୍ଷ ଗେଟ୍‌ର ପ୍ଲେଟ କଣା ହୋଇ ପାଣି ନିଷ୍କାସିତ ହୋଇଯାଉଛି । ଏଭଳି ଅନିୟମିତତା ଏବଂ ଗୁପ୍ତ ଟେଣ୍ଡର ସମ୍ପର୍କରେ କଟକର ଏକ ଠିକା ସଂସ୍ଥା ଉର୍ମିଳା ଷ୍ଟିଲ ଫେବ୍ରିକେସନ ପକ୍ଷରୁ ଜୁନ୍ ୨୧ ତାରିଖରେ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଚିଠି ଲେଖି ଅଭିଯୋଗ କରାଯାଇଛି ।

## ଆଇନଜୀବୀ ରୁନା ପାଣିଗ୍ରାହୀଙ୍କ ବିୟୋଗରେ ଫୁଲବାଣୀ ଓକିଲ ସଂଘର ଶୋକସଭା

କନ୍ଧମାଳ: କନ୍ଧମାଳ ଜିଲ୍ଲାର ଫୁଲବାଣୀ ଓକିଲ ସଂଘର ସଦସ୍ୟ ଅଜିତ କୁମାର ପାଣିଗ୍ରାହୀ(ରୁନା)ଙ୍କ ସ୍ଥାନୀୟ ଫୁଲବାଣୀ ଡାକ୍ତରଖାନାରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୯ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ ଫୁଲବାଣୀ ଓକିଲ ସଂଘ ତରଫରୁ ନୂତନ ବାର ହଲରେ ଓକିଲ ସଂଘର ସଭାପତି ସିଦ୍ଧେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭାର ଆୟୋଜନ କରାଯାଇଛି । ଏଥିରେ ସମ୍ପାଦକ ଅଜିତ କୁମାର ପଟ୍ଟନାୟକ ସହଯୋଗ କରିଥିଲେ ପ୍ରଥମେ ରୁନା ପାଣିଗ୍ରାହୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଓକିଲ ସଂଘର ସମସ୍ତ ସଦସ୍ୟ ୨ମିନଟ ନିରବ ପାର୍ଥନା କରିବା ପରେ ତାଙ୍କର ଫୋଟ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ଏହାପରେ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଓକିଲ ସଂଘ ତରଫରୁ ସହାୟତା ରାଶୀ ପ୍ରଦାନ କରାଯିବା ପାଇଁ ଆଲୋଚନା ହୋଇଥିଲା । ଏଥିରେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି,ଅଜୟ ସିଂ,ଅସୀମ ପ୍ରହରାଜ, ହରିଶ୍ଚନ୍ଦ୍ର ମହାରଣା,ଦୁର୍ଗା ଶଙ୍କର ପଟ୍ଟନାୟକ,ଗୌରୀ ବେହେରା,ପ୍ରଦୀପ୍ତ ରଞ୍ଜନ ନାୟକ,ବୀଣାପାଣୀ ପ୍ରଧାନ, ଅଗସ୍ତି ଜାନୀ,କମଳ ବେହେରା,ଶୁଶାନ୍ତ ସେନାପତି, ମନୋଜ ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ସମେତ ବାରର ଅନ୍ୟ ଓକିଲ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ସୁଚନା ଯୋଗ୍ୟ ଯେ ପୁର୍ବରୁ ସେ କରୋନା ପଜିଟିଭି ଚିହ୍ନଟ ହେବାପରେ ଭୁବନେଶ୍ୱରରେ ଚିକିତ୍ସିତ ହୋଇ କରୋନାକୁ ହରାଇ ସେ ସମ୍ପୁର୍ଣ୍ଣ ସୁସ୍ଥ ହୋଇ ଯାଇଥିଲେ । ଭଲ ହେବାର କିଛିଦିନ ପରେ ସେ ପୁଣି ଥରେ ଫୁସଫୁସ ସଂକ୍ରମଣ ଜନିତ ସମସ୍ୟା ଦେଖାଦେବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଫୁଲବାଣୀ ହସପିଟାଲରେ ଭର୍ତି କରାଇଥିଲେ ।

# ପାରମ୍ପରିକ ଗୋଷ୍ଠୀ ଜଙ୍ଗଲରେ ବୃକ୍ଷ ରୋପଣ

ମାଲକାନଗିରି: ଡୁଟେଲଗୁଡା ଗ୍ରାମସଭାର ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ପାରମ୍ପରିକ ଗୋଷ୍ଠୀ ଜଙ୍ଗଲ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ କୁ ଡୁଟେଲଗୁଡ଼ାର ଶହୀଦ ବିର୍ଷା ମୁଣ୍ଡା ଯୁବକ କମିଟି ସମ୍ପୁର୍ଣ୍ଣ ସହଯୋଗ କରିଥିଲା ।ଜଙ୍ଗଲ ଅଧିକାର ଆଇନ ୨୦୦୬ ଆସିବା ପୂର୍ବରୁ ଜଙ୍ଗଲ କୁ ବେପାର କରିବା ଦୃଷ୍ଟିରେ କିଛି ଆଦିବାସୀ ବିରୋଧୀ ଜଙ୍ଗଲ ମାପିଆ ଓ କମ୍ପାନୀ ଙ୍କ କଥାରେ ପଡି ଯୁଗ ଯୁଗ ଧରି ଚାଲିଥିବା ଜଙ୍ଗଲ ଓ ଆଦିବାସୀ ଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କକୁ ବିଚ୍ଛିନ୍ନ କରିଦେଇଥିଲେ କିନ୍ତୁ ଜଙ୍ଗଲ ଅଧିକାରୀ ଆଇନ ୨୦୦୬ ଆସିଲା ପରେ ଆଦିବାସୀ ଓ ଜଙ୍ଗଲ ମଧ୍ୟରେ ପୁଣିଥରେ ନିବିଡ଼ ସମ୍ପର୍କ ହେବାରେ ଲାଗିଲା ଓ ପାରମ୍ପରିକ ଗୋଷ୍ଠୀ ଜଙ୍ଗଲ ରେ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ଗ୍ରାମସଭା ନିଷ୍ପତ୍ତି ରେ ବୃକ୍ଷ ରୋପଣ, ଫା ୟାର ଲାଇନ ଓ ଅନ୍ୟାନ୍ୟ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରାଗଲା ।ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ମଧ୍ୟ ପାରମ୍ପରିକ ଗୋଷ୍ଠୀ ଜଙ୍ଗଲ ରେ ଆମ୍ବ ଚାରା, ଆମ୍ବ ଠାକୁ, ତେନ୍ତୁଳି ମଞ୍ଜି, ନିମ୍ବ, ମଞ୍ଜି, ହରିଡା, ବାହାଡ଼ା, ଜାମୁକଳି, ସିଆଡି ମଞ୍ଜି, ପଣସ,ବାଉଁଶ ରୋପଣ କରାଯାଇଥିଲା ଏହାବ୍ୟତୀତ ଜଙ୍ଗଲ କୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ଫୁଲ ଗଛ ଯଥା - ମନ୍ଦାର, ଟଗର, ମଲି ,କନିଅର,କାଠ ଚମ୍ପା ଭ ଳି ବିଭିନ୍ନ ଫୁଲ ଲଗାଯାଇଥିଲା !ଏହି କାର୍ଯ୍ୟକ୍ରମ କୁ ସ୍ୱାଗତ ଜଣେଇ କୋୟଗୁଡା ,କିଚି ପାଲି, ପାଳମେଟା, ବେଣ୍ଡାଗୁଡା,ଡୁଡାମେଟା ବାଲା କାଟି ଓ ଚେରୀଗୁଡା ୱାର୍ଡ ମେମ୍ବର ,ମୁଖି ୟା ମାନେ ବୃକ୍ଷ ରୋପଣ ରେ ସାମିଲ ହୋଇଥିଲେ। ଈଶ୍ୱର ପାଙ୍ଗି (ଯୁବକ କମିଟି ସଭାପତି),ଧବୁଲୁ ପାଙ୍ଗି (ଜଙ୍ଗଲ ପରିଚାଳନା କମିଟି ସଭାପତି), ସାଙ୍ଗା ପାଙ୍ଗି (ଜଙ୍ଗଲ ଅଧିକାର କମିଟି ସଭାପତି),ସମାରା ଗୋଲାରୀ (ଜଙ୍ଗଲ ଅଧିକାର କମିଟି ସମ୍ପାଦକ), ଭୀଷ୍ମ ପାଙ୍ଗି (ନାଏକ ସରପଂଚ),ଲାକୁ ହନ୍ତାଳ (ଗ୍ରାମସଭା ସଭ୍ୟ),ଗଙ୍ଗା ମାଡକାମୀ(କିଚି ପାଲି ମୁଖିଆ),ଜଗା ମାଡକାମୀ(ୱାର୍ଡ ମେମ୍ବର କୋୟଗୁଡା),ନରେନ୍ଦ୍ର କବାସୀ(କୋୟଗୁଡା ମୁଖିଆ),ସମୋ ନାଥ ପଡିଆମୀ(ଚେରୀଗୁଡା ମୁଖିଆ),ସମୋ ନାଥ ମାଡକାମୀ(ପାଳମେଟା ୱାର୍ଡ ମେମ୍ବର),ଭିମା ମାଡକାମୀ(ାଲା କାଟି ୱାର୍ଡ ମେମ୍ବର),କୃଷ୍ଣଚନ୍ଦ୍ର ସଡ଼ି(ବେଣ୍ଡାଗୁଡା ୱାର୍ଡ ମେମ୍ବର),ନବିନା ପାଙ୍ଗି,ସବିତା ପାଙ୍ଗି,ପୁରୁସ୍ତି ହନ୍ତାଳ,ରଘୁ ଖିଲ,ସରସ୍ୱତୀ ଖରା,ସନ୍ଧ୍ୟାରାଣୀ ଖିଲ,ଘୁରାନ ହନ୍ତାଳ, ଅନ୍ୟାନ୍ୟ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ ।

# ରଥ ପାଇଁ ପଥ ପ୍ରସ୍ତୁତ : ସଜେଇ ହେଉଛି ଗୁଣ୍ଡିଚା ମନ୍ଦିର

ପୁରୀ: ମହାପ୍ରଭୁ ଙ୍କ ରଥଯାତ୍ରା ପାଇଁ ରାଜ୍ୟ ଓ ଜିଲା ପ୍ରଶାସନ ସଂପୂର୍ଣ୍ଣ ତତ୍ପର ହୋଇ ଉଠିଛି । କୋଭିଡ୍ କଟକଣା ଅନୁସାରେ କିପରି ରଥଯାତ୍ରା ସଂପର୍ଣ୍ଣ ହେବ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ବ୍ଲୁ ପ୍ରିଂଟ୍ ପ୍ରସ୍ତୁତ କରିଛି । ଶ୍ରୀକ୍ଷେତ୍ର ର ସୁରକ୍ଷା ପାଇଁ ପୁଲିସ ବାହିନୀ ପକ୍ଷରୁ ଏସପି କେ ବିଶାଲ ସିଂ ଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ମକଡ୍ରିଲ କରାଯାଇଛି । ଅକ୍ଷୟତୃତୀୟା ଠାରୁ ମହାପ୍ରଭୁ ଙ୍କ ୩ ଟି ରଥ ନିର୍ମାଣ ପାଇଁ ରଥଖଳା ରେ ରଥ ନିର୍ମାଣ କାର୍ଯ୍ୟ ରେ ନିମଗ୍ନ ରହିଥିଲେ ବିଶ୍ୱକର୍ମା ମହାରଣା , ଭୋଇ ସେବାୟତ ଓ ରୂପକାର ଚତ୍ରକାର ସେବାୟତ ମାନେ । ମହାପ୍ରଭୁ ଙ୍କ ରଥଦାଣ୍ଡ ବଡଦାଣ୍ଡ ରେ ମହାପ୍ରଭୁ ଙ୍କ ତିନି ରଥ ଗଡିବା ପାଇଁ ପଥ ପ୍ରସ୍ତୁତ କରାଯାଉଛି । ବଡଦାଣ୍ଡ ରେ ରହିଥିବା କ୍ୟାବିନ୍ ଠେଲାଗାଡି,ଖଟ,ଛତା ପସରା ଗୁଡିକ ଘର ବାହୁଡା ହେଲେଣି । ପୌରସଂସ୍ଥା ପକ୍ଷରୁ ତୁରନ୍ତ ହଟିଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଇଦିଆଯାଇଛି । ବିଭିନ୍ନ ଛକ ସ୍ଥାନରେ ବ୍ୟାରିକେଡ୍ ନିର୍ମାଣ ପାଇଁ ଖୁଂଟ ପୋତାଗଲାଣି । ଆଜି ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲି ରେ ପୁଲିସ ଟେଂଟ ପାଇଁ କଂଟା ବାଉଁଶ ଗଦା ହୋଇଛି । ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଠାରେ ଚାରମାଳ ବାନ୍ଧିବା ପାଇଁ ତାଳଶେଣୀ ଗଦା ହୋଇଛି । ଗୁଣ୍ଡିଚା ମନ୍ଦିର ସଂହଦ୍ୱାର ର ସିଂହ ଗୁଡିକ ରଙ୍ଗ କରାଯାଉଛି । ଗୁଣ୍ଡିଚା ମନ୍ଦିରର ପାଚେରୀ ସମେତ ଦୁଇ ଦ୍ୱାର କୁ ରଙ୍ଗ କରାଯିବା ସହ ଆଲୋକୀକରଣ ବ୍ୟବସ୍ଥା କରାଯାଉଛି । ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ଅଢେଇ କିଲୋମିଟର ପ୍ରସସ୍ତ ବଡଦାଣ୍ଡ କୁ ପରିଷ୍କାର କରାଯାଉଛି । ଚଳିତ ବର୍ଷ କେବଳ ସେବାୟତ ମାନେ ଖାଲି ପାଦରେ ତିନି ରଥ ଟାଣିବେ । ପାଦ ନତାଡିବା ପାଇଁ ବଡଦାଣ୍ଡର ବିଭିନ୍ନ ସ୍ଥାନରେ ତାଡିକମାଇବା ରଙ୍ଗ କରାଯିବ । ସେବାୟତ ମାନେ ବସିବା ପାଇଁ ସିଂହଦ୍ୱାର ନିକଟ ପୂର୍ବ ଏମାର ମଠ ଚକଡା ଓ ଗୁଣ୍ଡିଚା ମନ୍ଦିର ନିକଟରେ ସେଡ୍ କରାଯିବ । ଏହା ସହ ବଡଦାଣ୍ଡର ଦୁଇ ପାର୍ଶ୍ୱରେ ସ୍ୱଳ୍ପ ବିଶ୍ରାମ ପାଇଁ ୧୦ ଟି ସ୍ଥାନରେ ସେଡ୍ କରାଯିବ । ବଡଦାଣ୍ଡ ର ଦୁଇ ପାର୍ଶ୍ୱ ରେ ରହିଥିବା କୋଠା ଗୁଡିକରେ କୌଣସି ଭକ୍ତ ରଥଯାତ୍ରା ନଦେଖିବା ପାଇଁ ବାରଣ କରାଯାଇଛି । ଏଥିପାଇଁ ଶ୍ରୀଗୁଣ୍ଡିଚା ପୂର୍ବ ରାତ୍ରି ରୁ ଶ୍ରୀଗୁଣ୍ଡିଚା ପରଦିନ ପର୍ଯ୍ୟନ୍ତ ୧୪୪ ଧାରା ଯାରି ରହିବ । ଭକ୍ତମାନେ ଘରେ ବସି ଟିଭି ଓ ରେଡିଓ ଜରିଆରେ ରଥଯାତ୍ରା ଦେଖିପାରିବେ ଓ ଶୁଣିପାରିବେ । ଏଥିପାଇଁ ରାଜ୍ୟ ସୂଚନା ଲୋକସଂପର୍କ ବିଭାଗ ପକ୍ଷରୁ ସରକାରୀ ଦୂରଦର୍ଶନ ଙ୍କୁ ଅନୁମତି ଦିଆଯାଇଛି । ଅନ୍ୟ ଘରୋଇ ଟିଭି ଚ୍ୟାନେଲ ମାନେ ଲିଙ୍କ ଜରିଆରେ ରଥଯାତ୍ରା ପ୍ରସାରଣ କରିବେ ।

## ପରିତ୍ୟକ୍ତ କୂଅରୁ ୩ ଦିନ ପରେ ଗାଈ ଓ ବାଛୁରୀ ଉଦ୍ଧାର

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ସହର ସ୍ଥିତ ରାଜାପଡାରେ ଥିବା ଏକ ପରିତ୍ୟକ୍ତ କୂଅରୁ ୩ ଦିନ ପରେ ଅଗ୍ନିସମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । କୂଅଟି ଦିର୍ଘଦିନରୁ ଅବ୍ୟବହୃତ ହୋଇ ପଡି ରହିଥିବା ବେଳେ ଲତାଘାସରେ ଆଚ୍ଛାଦିତ ହୋଇପଡିଛି । ଫଳରେ ଲୋକେ ଗାଈ ଓ ବାଛୁରୀକୁ ପଡିଥିବା ଜାଣି ପରିନଥିଲେ । ଆଜି କିଛି ଲୋକ କୂଅରେ ଗାଈ ପଡିଥିବା ଜାଣିବାକୁ ପାଇ ଅଗ୍ନିସମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିସମ ବାହିନୀ ଆସି ଦୀର୍ଘ ସମୟ ଧରି ପରିଶ୍ରମ କରି ଗାଈ ଓ ବାଛୁରୀକୁ ଉଦ୍ଧାର କରିଥିଲେ ।

# ଚକା ବିଜେ କଲେ ଚକା ଆଖି

ପୁରୀ: ସ୍ନାନ ପୂର୍ଣ୍ଣମୀ ଦିନ ଚତୁର୍ଦ୍ଧାମୂର୍ତି ସ୍ନାନ ମଣ୍ଡପରେ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଜ୍ୱରରେ ପିଡୀତ ହୋଇ ଏବେ ଅଣସର ଘରେ ଅବସ୍ଥାନ କରୁଛନ୍ତି । ଆଜି ଶ୍ରୀଜିଉ ମାନେ ଚକା ଉପରେ ବିଜେ କରିଛନ୍ତି । ଦୈତାପତି ସେବକ ମାନେ ଅଣସର ସେବାରେ ମହାପ୍ରଭୁ ଙ୍କୁ ଶୀଘ୍ର ସୁସ୍ଥ କରିବା ପାଇଁ ଫୁଲରି ତେଲ ଓଷ ମୋଦକ ସେବା କରୁଛନ୍ତି । ଝୁଣା ରାଶି ତେଲ ଓ କର୍ପୂର ମିଶ୍ରୀତ ଔଷଧୀୟ ଗୁଣ ଯୁକ୍ତ ଓଷ ଲାଗି ହେଉଛି । ଅଣସର ତୃତୀୟା ତିଥି ରେ ଦେବୈତାପତି ମାନେ ଶ୍ରୀଅଙ୍ଗ ରୁ ଓଦା ବସ୍ତ୍ର ଫିଟାଇଥିଲେ । ଚତୁର୍ଥୀ ରେ ଶ୍ରୀଅଙ୍ଗ ଫିଟା ନୀତି ହୋଇଥିଲା । ପଂଚମୀ ତିଥି ରେ ଫୁଲରି ତେଲ ଲାଗି ହୋଇଥିଲା । ଷଷ୍ଠୀ ଠାରୁ ଓଷ ଲାଗି ସେବା ସଂପର୍ଣ୍ଣ ହୋଇଛି । ଆଜି ଦଶମୀ ତିଥି ରେ ରାଜବୈଦ୍ୟ ଙ୍କ ବାସଭବନ ରୁ ଆୟୁର୍ବେଦିକ ମୋଦକ ଔଷଧ ଶ୍ରୀମନ୍ଦିରକୁ ବିଜେ ହୋଇଛି । ଏକାଦଶୀ ତିଥି ରେ ମହାପ୍ରଭୁ ଙ୍କ ସର୍ବାଙ୍ଗ ନୀତି ପରେ ମୋଦକ ଲାଗି ହେବ । ଦ୍ୱାଦଶୀ ତିଥି ରେ ରାଜ ପ୍ରସାଦ ବିଜେ ନୀତି ଅନୁଷ୍ଠିତ ହେବ । ମହାପ୍ରଭୁ ସୁସ୍ଥ ହେବା ସଂପର୍କରେ ଗଜପତି ଜାଣିବା ପରେ ରଥଯାତ୍ରା ପାଇଁ ବିଭିନ୍ନ ନୀତି ଅନୁଷ୍ଠିତ ହେବ । ସୁଦ ସୁଆରଙ୍କ ବାସଭବନ ରୁ ଖଳୀ ବିଜେ କରିବ । ପରେ ପରେ ମହାପ୍ରଭୁ ସୁସ୍ଥ ହୋଇ ନବଯୌବନ ଦର୍ଶନ ଦେବେ । ଚଳୀତ ମାସ ୧୨ ତାରିଖ ସୋମବାର ଦିନ ମହାପ୍ରଭୁ ଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ ।

## ମରୈଗାଁ ପଂଚାୟତରେ ମନରେଗା ଦୁର୍ନୀତିର ପର୍ଦ୍ଦାଫାସ ପାଇଁ ପଂଚାୟତରାଜ ବିଭାଗ ପକ୍ଷରୁ ପ୍ରାଥମିକ ଦତନ୍ତ

ଆନନ୍ଦପୁର: କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ମରୈଗାଁ ପଂଚାୟତରେ ବିଭିନ୍ନ କାର୍ଯ୍ୟର ଅନିୟମିତତା ପାଇଁ ଗ୍ରାମବାସୀ ପ୍ରଥମେ ଜିଆରଏସଙ୍କୁ ଘେରାଉ କରି ଏହାର ବିନ୍ଧିବନ୍ଧ ହିବାସ ମାଗିଥିଲେ । ଯାହା ଫଳରେ ସେମାନଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିବା ଜଣାପଡିଛି । ମନରେଗା କାର୍ଯ୍ୟର ଅନିୟମିତତାକୁ ନେଇ ରିପୋର୍ଟ ତଲବ କରାଯାଇଥିବା ବେଳେ ଦର୍ନୀତିର ରିପୋର୍ଟ କାର୍ଡ ଆଧାରରେ ପଂଚାୟତିରାଜ୍ ବିଭାଗ ଖୋଳତାଡ କରିବା ସମୟରେ ପଂଚାୟତର ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ସହ ଦୁର୍ନୀତିକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ମାମଲା ଯାଇ ଥାନାରେ ପହଞ୍ଚିବା ଶୁଣିବାକୁ ମିଳିଛି । ଏଭଳି ପରିସ୍ଥିତି ପାଇଁ ଅଧିକାରୀମାନେ ତଦନ୍ତ କାର୍ଯ୍ୟକୁ ଅଧାରୁ ବନ୍ଦ କରି ପଳାଇଯାଇଥିଲେ।

# ପୋଖରୀରେ ବୁଡି ବାଳକ ମୃତ

ଘଷିପୁରା: ଘଷିପୁରା ବ୍ଲକ ଅନ୍ତର୍ଗତ ଦରଡିପାଳ ଗ୍ରାମର ସନ୍ତୋଷ ଦେହୁରୀଙ୍କ ଏକମାତ୍ର ପୁଅ ପୂର୍ଣ୍ଣଚନ୍ଦ୍ର ଦେହୁରୀ(୧୩) ପୋଖରୀକୁ ଶୌଚ ହେବାକୁ ଯାଇ ଗୋଡ ଖସିଯିବାରୁ ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁସାରେ ଗତ ରହିବାର ଦିନ ଦରଡିପାଳ ଗ୍ରାମର ସନ୍ତୋଷ କୁମାର ଦେହୁରୀଙ୍କ ପୁଅ ତାଙ୍କ ପିଉସା ଜଗବନ୍ଧୁ ଦେହୁରୀଙ୍କ ଘର ତୁଳସୀପୁରକୁ ଯାଇଥିଲେ । ସନ୍ଧ୍ୟା ସମୟରେ ପିଉସାଙ୍କ ପୁଅ ସହିତ ନିକଟସ୍ଥ ଠାକୁର ପୋଖରୀକୁ ଶୌଚ ହେବାପାଇଁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ । ସାଥୀରେ ଥିବା ଅନ୍ୟ ପିଲାଟି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ପୋଖରୀରୁ ତାକୁ ଉଦ୍ଧାର କରିଥିଲେ । ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ୍ୟ ଆମ୍ବୁଲାନ୍ସ ସେଠାରେ ପହଂଚି ନଥିଲା ବାଧ୍ୟ ହୋଇ ପରିବାର ଲୋକେ ମୋଟରସାଇକେଲରେ ଆନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏଥିନେଇ ଘଷିପୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଷିପୁରା ପୋଲିସ୍ ଉପସ୍ଥିତିରେ ଶବ ବ୍ୟବଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ସେ ଅଷ୍ଟମ ଶ୍ରେଣୀର ଜଣେ ମେଧାବୀ ଛାତ୍ର ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ଦରଡିପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳନ୍ଦୀ ମୁର୍ମୁ ଶୋକ ପ୍ରକାଶ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ ।

## ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋରନା ଟୀକାକରଣ

ଭଗାମୁଣ୍ଡା: ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଡାକ୍ତର ସୁଧାଂଶୁ ଶେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୪୫ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ଟିକାକରଣ କରାଯାଇଛି । ଏଥିରେ ଆଗ ଧାଡିର କୋରନା ଯୋଦ୍ଧା ଭାବେ ଗ୍ୟାସ୍ କର୍ମଚାରୀ, ପେଟ୍ରୋଲ ଟାଙ୍କି କର୍ମଚାରୀ, ବ୍ୟାଙ୍କ୍ କର୍ମଚାରୀମାନେ ଆସି ଟିକା ନେଇଥିବା ବେଳେ ମୋଟ୍ ୧୭୨ଟି ଟିକାକରଣ କରାଯାଇଥିବା ଜଣାପଡିଛି । ଉକ୍ତ କାର୍ଯ୍ୟକ୍ରମରେ ଏଏନ୍‌ଏମ୍ ରଶ୍ମିତା ଓଝା, ଡିଇଓ ଜୟଦେବ ଜେନା ଏବଂ ମେନେଜମେଣ୍ଟ ସୌମ୍ୟ ରନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ




ଆନନ୍ଦପୁର: ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ପ୍ରଧାନଆଚାର୍ଯ୍ୟ ଅନନ୍ତ ଚରଣ ଜେନାଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଭାଗିରଥି ସେଠୀ ଉପସ୍ଥିତ ରହି କୃତୀ ଶିଶୁ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ସଂକୁଳ ପ୍ରମୁଖ ଦୁର୍ଗାଚରଣ ଦଳେି, ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ବିନୋଦ ବିହାରୀ ମିଶ୍ର, ସମ୍ପାଦକ ଶ୍ରୀମତୀ ଉଷାରାଣୀ ଜେନା ପ୍ରମୁଖ ଯୋଗ ଦେଇ ୨୦୧୯-୨୦ ଶିକ୍ଷା ବର୍ଷର ସରକାରୀ ବୃତ୍ତିରେ ୩ୟ ଶ୍ରେଣୀର ଦେବରାଜ ପାତ୍ର(୧ମ), ଆଦ୍ୟାଶା ତ୍ରିପାଠୀ(୨ୟ), ଏସ୍. ସ୍ୱାଗତ ପାତ୍ର(୫ମ), କୁମାର ଗୌରବ ପାତ୍ର(୬ଷ୍ଠ), ମୁନିସିପାଲଟି ସ୍ତରୀୟ ଏବଂ ୫ମ ଶ୍ରେଣୀର ସୌମ୍ୟଦର୍ଶୀ ସାହୁ(୧ମ), ସ୍ୱାତୀ ସ୍ୱାଗତିକା ପାଢ଼ି(୨,), ସତ୍ୟରନ ସାହୁ(୩ୟ), ଷଷ୍ଠ ଶ୍ରେଣୀର ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ ସିକ୍ରା ସମାପିକା ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ହରେକୃଷ୍ଣ ପତି, ପଙ୍କଜ କୁମାର ମହାନ୍ତି, ଆଚାର୍ଯ୍ୟା ଶ୍ରୀମତୀ ସୌଦାମିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଓଡିଶାର ଗୌରବ ଶିକ୍ଷକ ଓମ ପ୍ରକାଶ ମିଶ୍ର ପାଇଲେ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାର, ରାଜ୍ୟରେ ଖୁସିର ଲହରି

ଜୟପୁର: ଭାରତ ସରକାରଙ୍କ ଦ୍ୱାରା ଶିକ୍ଷକ ମାନଙ୍କୁ ଦିଆଯାଉଥିବା ଦୁଇଟି ଉଲ୍ଲେଖନୀୟ ପୁରସ୍କାର ହେଉଛି ଜାତୀୟ ଶିକ୍ଷକ ପୁରସ୍କାର ଏବଂ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାର । ଏଥି ମଧ୍ୟରୁ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର ଜାତୀୟ ଶିକ୍ଷକ ପୁରସ୍କାର ୨୦୧୮ ନିମନ୍ତେ ଓଡିଶାର ଏକ ମାତ୍ର ଶିକ୍ଷକ ଭାବରେ ପୁରସ୍କୃତ ହୋଇସାରିଥିବା ବେଳେ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାରଟି ୨୦୦୪ ମସିହାରୁ ସ୍ଥାପିତ ହୋଇଥିଲେ ମଧ୍ୟ କୋରାପୁଟ ଜିଲା ତଥା ଓଡିଶା ପାଇଁ ଏକ ସ୍ୱପ୍ନ ହୋଇ ରହିଯାଇଥିବା ବେଳେ ଏହି ପୁରସ୍କାର ପାଇଛନ୍ତି ଓମ ପ୍ରକାଶ ମିଶ୍ର । ଜଣେ ଶିକ୍ଷକ ହିସାବରେ ଆଇ.ସି.ଟି କ୍ଷେତ୍ରରେ ନିଜର ଅସ୍ୱାଭାବିକ ତଥା ଅତୁଳନୀୟ ଅବଦାନ ପାଇଁ ଶିକ୍ଷକ ଓମ ପ୍ରକାଶ ମିଶ୍ର ଓଡିଶାର ଏକ ମାତ୍ର ଶିକ୍ଷକ ଭାବେ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାର ୨୦୧୮ ବିରଳ କୃତିତ୍ୱ ଅଧିକାରି ହୋଇପାରିଛନ୍ତି । ବିଜ୍ଞାନ ଓ ଗଣିତର କଠିନ ପ୍ରସଙ୍ଗ ଗୁଡିକୁ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ସରଳ ଭାବରେ ଛାତ୍ର ଛାତ୍ରୀଙ୍କ ନିମନ୍ତେ ପ୍ରସ୍ତୁତ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ବିଜ୍ଞାନରେ ବ୍ଲଗ ତିଆରି କରିବା ୟୁ ଟ୍ୟବ ମାଧ୍ୟମରେ ଶିକ୍ଷାଦାନ କରିବା ଜିଓଜେବ୍ରା, ଆଲଗୋଡୋ, ଡ୍ରାଇଆମଫ କ୍ଲାଉଡ, ଜାମବୋର୍ଡ, ଆନିମେସନ, ଓାର୍ଡ ଓାଲ ନେଟ ଏପରି ବହୁତ ସପ୍ଟଓେର ବ୍ୟବହାର କରି ବିଜ୍ଞାନ ଶିକ୍ଷାକୁ ରୁଚିମନ୍ତ କରିବାରେ ସେ ସଫଳ ହୋଇଛନ୍ତି । ଏହି ପୁରସ୍କାର ନିମନ୍ତେ ଭାରତ ସରକାରୀଙ୍କ ଶିକ୍ଷା ବିଭାଗ ତରଫରୁ ଗତ ବର୍ଷ ଅନଲାଇନ ମାମଧ୍ୟରେ ଶିକ୍ଷକଙ୍କ ଠାରୁ ସୁଚନା ଓ ଯୋଗାଯୋଗ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷକ ମାନଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ପରବର୍ତୀ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ ମନୋନୟନ କମିଟି ଗଠନ କରାଯାଇ ଆବେଦନ କାରି ଶିକ୍ଷକ ମଧ୍ୟରୁ ମାତ୍ର ୬ ଜଣ ଶିକ୍ଷକକଙ୍କୁ ଜାତୀୟ ସ୍ତରରେ ପ୍ରତିଯୋଗିତା ନିମନ୍ତେ ସୁପାରିଶ କରାଯାଇଥିଲା । ଏଭଳି ଭାବରେ ସମଗ୍ର ଦେଶର ୨୮ଟି ରାଜ୍ୟ କେନ୍ଦ୍ର ଶାସିତ ଅଂଚଳ ତଥା ସିବିଏସଇ, ଆଇସିଏସି ଭଳି ୫ଟି ସ୍ୱୟଂ ଚାଳିତ ଜାତୀୟ ଶିକ୍ଷାନୁଷ୍ଠାନ ଠାରୁ ୨୦୧୮-୧୯ ଶିକ୍ଷା ବର୍ଷ ନିମନ୍ତେ ସମୁଦାୟ ୨୦୪ ଜଣ ଶିକ୍ଷକଙ୍କୁ ଜାତୀୟସ୍ତରୀୟ ଚୁଡାନ୍ତ ପ୍ରତିଯୋଗାତା ନିମନ୍ତେ ମନୋନିତ ହୋଇଥିଲେ । ଶେଷରେ ଏହି ପ୍ରତିଦ୍ୱନ୍ଦିତା ମୁଳକ ଜାତୀୟ ପ୍ରତିଯୋଗିତାରେ ସମସ୍ତ ମନୋନିତ ଶିକ୍ଷକ ଆଇସିଟି କ୍ଷେତ୍ରେ ନିଜର ଅବଦାନ ତଥା ଦକ୍ଷତାକୁ ଜାତୀୟ ସ୍ତରର ବିଚାରକ ମାନଙ୍କ ସମ୍ମୁଖରେ କମ୍ପ୍ୟୁଟର ମାଧ୍ୟମରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମ ଗତ ୫ ଫେବୃଆରୀ ୨୦୨୧ ଠାରୁ ୧୧ ଫେବୃଆରୀ ଯାଏ ଚାଲିଥିଲା । ଶେଷରେ ସମଗ୍ର ଦେଶରୁ ୨୦୧୮ ମସିହା ନିମନ୍ତେ ମାତ୍ର ୨୫ ଜଣ ଶିକ୍ଷକଙ୍କୁ ଏହି ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ କରାଯାଇ ଭାରତ ସରକାରଙ୍କ ଦ୍ୱାରା ଗତ ୧୯।୬।୨୧ ରେ ଫଳା ଫଳ ଘୋଷଣା କରାଯାଇଥିଲା । ସମସ୍ତଙ୍କୁ ଚକିତ କରି ତଥା ରାଜ୍ୟର ପୂର୍ବ ବିଫଳତାକୁ ପଛରେ ପକାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର ଏହି ପୁରସ୍କାର ହାସଲ ପାଇଁ ଚୟନ ହୋଇ କୋରାପୁଟ ତଥା ଓଡିଶା ପାଇଁ ଏକ କୃତିମାନ ସ୍ଥାପନ କରିଛନ୍ତି । ୧୯୯୮ ମସିହାରେ କୋରାପୁଟ ଜିଲ୍ଲାର ଏକ ଉପାନ୍ତ ସରକାରି ଉଚ୍ଚ ବିଦ୍ୟାଳୟ ଦଳପୁରରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶିକ୍ଷକ ମିଶ୍ର ଶିକ୍ଷା କ୍ଷେତ୍ରରେ ନିଜର କଠୋର ଅଧ୍ୟବସାୟ ଓ ସାଧାନା ବଳରେ ପୁର୍ବରୁ ପଂଚାୟତ, ବ୍ଲକ, ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ପୁରସ୍କାରରେ ସମ୍ମାନିତ ହୋଇ ସାରିଛନ୍ତି । ତେବେ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରର ୨ଟି ଯାକ ସର୍ବୋଚ୍ଚ ଶିକ୍ଷା ସମ୍ମାନ ହାଲ କରିବାରେ ସେ ହେଉଛନ୍ତି ରାଜ୍ୟର ପ୍ରଥମ ଶିକ୍ଷକ । ତାଙ୍କ ଏହି ସଫଳତା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ଶୁଭେଚ୍ଛାଙ୍କ ସୁଅ ଛୁଟିଛି । ତାଙ୍କର ଏହି ସଫଳତା ନିମନ୍ତେ ପିତା ନୀଳାଚଳ ମିଶ୍ର, ମାତା ଜୋସ୍ନା କୁମାରି ମିଶ୍ର, ପତ୍ନୀ ଲତା ମିଶ୍ର ଓ ପିରବାର ବର୍ଗ ତଥା ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଶ୍ରେୟ ଦେଇଛନ୍ତି ।

# ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି । ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି । ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ । ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି । ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି । ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି । ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି । ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି । ଯାହାଦ୍ୱାରା ରେନେୱୁବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି । ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି । ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱୁବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ । ରିନେୱୁବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି । ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ । ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍ ଉପକୃତ ହୋଇ ପାରିବେ । ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ । ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ । ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ ।




# ଜଙ୍ଗଲ ସୁରକ୍ଷା-ଜୀବନ ରକ୍ଷା



**ଅକ୍ଷୟ କୁମାର ରାଉତ**

ଈଶ୍ୱର ଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ ,ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମନ୍ତ ର କାକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତ । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତ । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ଚୂତ , ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ଋଦ୍ଧିମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ଭେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତ । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତ ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତ୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତ । ବୃକ୍ଷଲତା ମାନଙ୍କ ର ଉଚ୍ଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ । କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା ଜୀବ ଜଗତ ସର୍ବେ ହୋଇବେ ରକ୍ଷା

ପାରାଦ୍ୱୀପ ଗଡ଼ , କୁଜଙ୍ଗ,
ଜଗତସିଂହପୁର,
ମୋ-୯୯୩୭୬୯୧୪୭୫

## ଶୌଚାଳୟ ଟାଙ୍କି ଲିକ୍, ଘଷିପୁରା ବସ୍ଷ୍ଟାଣ୍ଡରେ ଯାତ୍ରୀ ହଟହଟା

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲାର ବ୍ୟସ୍ତବହୁଳ ଘଷିପୁରା ବସ୍ଷ୍ଟାଣ୍ଡରେ ଯାତ୍ରୀମାନେ ହଟହଟା ହେଉଥିବା ଦେଖିବାକୁ ମିଳିଛି । ଶୌଚାଳୟର ଟାଙ୍କି ଲିକ୍ ହେବା ଯୋଗୁଁ ଯାତ୍ରୀମାନେ ଦୁର୍ଗନ୍ଧମୟ ପରିବେଶରେ ଯାତାୟତ କରୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ବାରମ୍ବାର ଦାବି ପରେ ଆନନ୍ଦପୁର ମ୍ୟୁନିସିପାଲିଟି ପକ୍ଷରୁ ପ୍ରାୟ ୭ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟ ନିର୍ମାଣ କରାଯାଇଛି । ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଧାୟକ ଭାଗୀରଥି ସେଠୀ ଏହାର ଉଦ୍‌ଘାଟନ କରିଥିଲେ । ତେବେ ଶୌଚାଳୟ ଟାଙ୍କିରୁ ପାଣି ଲିକ୍ ହୋଇ ବସ୍ଷ୍ଟାଣ୍ଡ ସାରା ମାଡୁଛି । ନିର୍ମାଣରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୌର କର୍ତ୍ତୃପକ୍ଷ ସଫେଇରେ ଅବହେଳା କରୁଥିବାରୁ ସମସ୍ୟା ବଢି ଚାଲିଛି । ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ଦୋକାନୀ ଓ ରାସ୍ତାରେ ଯାଉଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶୌଚାଳୟ ପାଇଁ ଶହ ଶହ ଲୋକ ଅସୁବିଧାରେ ପଡୁଥିବା ବେଳେ ଏଥିପ୍ରତି କାହାର ନଜର ନାହିଁ । ଅଭିଯୋଗ ପାଇ ମ୍ୟୁନିସିପାଲଟି ପକ୍ଷରୁ ଆଜି ଟାଙ୍କି ବାହାରେ ଥିବା ପାଣିକୁ ସଫା କରାଯାଉଥିବା ବେଳେ ପୁଣି ୧ ଘଣ୍ଟାରେ ପାଣି ଜମିଥିବା ଲକ୍ଷ୍ୟ କରାଯାଇଥିଲା । ଏହାର ସ୍ଥାୟୀ ସମାଧାନ ପାଇଁ ଜନସାଧାରଣରେ ଦାବି କରାଯାଇଛି ।

## ଶୁଆକାଟୀ ସାପ୍ତାହିକ ହାଟରେ କୋଭିଡ୍-୧୯ ନିୟମ ଉଲଘଂନକାରୀଙ୍କ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର (ପିଏନ୍): ଗତ ୧୮ ତାରିଖ ରବିବାର ଦିନ ଶୁଆକାଟୀ ସାପ୍ତାହିକ ହାଟରେ ବାଂଶପାଳ ବିଡିଓ ଉଗ୍ରେସନ ଓରାମ ଓ ତହସିଲଦାର ସପନ କୁମାର ସାହୁଙ୍କ ମିଳିତ ନେତୃତ୍ୱରେ କୋରୋନା ସଂକ୍ରମଣର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ କୋଭିଡ୍-୧୯ ନିୟମ ଉଲଘଂନକାରୀ ଯଥା- ମାସ୍କ ନପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ନରଖୁଥିବା ବ୍ୟବସାୟୀ, ଜନସାଧାରଣ ଏବଂ ଯାତ୍ରୀବାହୀ ଯାନଗୁଡିକୁ ଯାଂଚ କରାଯାଇଥିଲା । କେନ୍ଦୁଝର ସଦର ଥାନା ଆଇ.ଆଇ.ସି.ଙ୍କ ନିର୍ଦ୍ଦେଶକ୍ରମେ ଶୁଆକାଟୀ ଫାଣ୍ଡି ଅଧିକାରୀ ଶ୍ରୀ ତ୍ରିନାଥ ନାଏକ ଏବଂ ପୋଲିସ୍‌ବାହିନୀ ଏହି ଯାଂଚ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଯାଂଚ ସମୟରେ କୋଭିଡ୍-୧୯ ନିୟମ ଉଲଘଂନକାରୀ ବ୍ୟବସାୟୀ ଓ ଶୁଭମ ନାମକ ଏକ ଯାତ୍ରୀ ବାହୀ ବସ୍‌ଠାରୁ ସର୍ବମୋଟ ଟ.୯୫୦୦/-ଙ୍କା ଜରିମାନା ଆଦାୟ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶୁଆକାଟୀ ସରପଂଚ ଶ୍ରୀମତୀ ତାରାମଣି ନାଏକ, ନିର୍ବାହୀ ଅଧିକାରୀ ଶ୍ରୀ ଭବାନୀ ପ୍ରସାଦ ନନ୍ଦ ପ୍ରମୁଖ ଏହି ଯାଂଚ ସମୟରେ ସହଯୋଗ କରିଥିଲେ ।

## ବାତୋ ପଞ୍ଚାୟତରେ ଉପନିର୍ବାଚନ ସ୍ଥଗିତ

ଆନନ୍ଦପୁର (ପିଏନ୍): କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ପଂଚାୟତର ଉପନିର୍ବାଚନକୁ ସ୍ଥଗିତ ରଖିଛନ୍ତି । ଏହି କ୍ରମରେ ଘଷିପୁରା ବ୍ଲକ ବାତୋ ପଂଚାୟତର ସରପଂଚ ପଦବୀ ପାଇଁ ଆଗାମୀ ୨୮ତାରିଖରେ ହେବାକୁ ଥିବା ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଏଥିନେଇ ବିଡିଓ ଅସିତ୍ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏପଟେ ସମସ୍ତ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଥିବା ବେଳେ ଏହି ଖବର ମିଳିବା ପରେ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ସୂଚନାଯୋଗ୍ୟ ଯେ ସରପଂଚ କାହ୍ନୁଚରଣ ନାୟକଙ୍କ ନଭେମ୍ବର ୧୬ ତାରିଖରେ ପରଲୋକ ପରେ ଏଠାରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ୧୦ବର୍ଷ ବୟସ କମାଇ ସରକାରୀ ସ୍କୁଲରେ ଶିକ୍ଷକତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ାରେ ଗଣଶିକ୍ଷକ ନିଯୁକ୍ତିକୁ ନେଇ ବିବାଦ ଥମିବାର ନାହିଁ । କେତେବେଳେ ଆବଶ୍ୟକତା ଅନୁଯାଇ ଯୋଗ୍ୟତା ପୂରଣ ହେଉନଥିଲେ ବି ଚାକିରି ସ୍ଥାୟୀ କରିବାକୁ କାରସାଦି କରାଯାଉଛି ତ ପୁଣି କେବେ ଜାଲିଆତି ହେଉଛି । ବୟସକୁ କମାଇ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରିଛନ୍ତି କେତେ । ଚାକିରି ସମୟରେ ବୟସ କମ୍ ପକାଇ କଂସାର ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ନିଯୁକ୍ତି ପାଇଥିବା ଜଣାପଡ଼ିବାରେ ଏବେ ସେସବୁର ଖୋଳତାଡ଼ ଆରମ୍ଭ ହୋଇଛି । ଏବାବଦରେ ଅଭିଯୋଗ ହେବା ପରେ ଶିକ୍ଷା ବିଭାଗରେ ତତ୍ପରତା ପ୍ରକାଶ ପାଇବା ସହ ତଦନ୍ତ ପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ କହିଥିଲେ । ହେଲେ ପରବର୍ତୀ ସମୟରେ ତାଙ୍କର ସେହି ଦମ୍ଭୋକ୍ତି କୁଆଡ଼େ ମିଳେଇଯାଇଥିବା ଦେଖାଯାଇଛି । ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ ବି ତଦନ୍ତକୁ ଚାପିଦିଆଯାଇଛି । ବୟସ କମ୍ ଦର୍ଶାଇ ଚାକିରିକରିଥିବା ସଂପୃକ୍ତ ଶିକ୍ଷକଙ୍କର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଦରମା ବନ୍ଦ କରାଯାଇଥିଲା । କିନ୍ତୁ ଏବେ ପୁଣି ସେହି ଶିକ୍ଷକ ଶ୍ରୀ ପ୍ରଧାନ ଦରମା ପାଉଥିବା ସୂଚନା ମିଳିଛି । ୧୦ବର୍ଷ ବୟସ କମାଇ, ତୃଟିଯୁକ୍ତ ପ୍ରମାଣପତ୍ର ଦେଇ ଶିକ୍ଷକ ଚାକିରି ହାତେଇ ନେଇଥିଲେ ବି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ନିକଟରେ ଏମିତି ଏକ ମାମଲାକୁ ଚାପିଦେବାକୁ ବସିଥିବାବେଳେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେବାରୁ ବାଧ୍ୟହୋଇ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ହେଲେ ଏଥର ସେମିତି ହୋଇନଥିବାରୁ ଘଟଣାକୁ ଚାପିଦେଇ ପୁଣି ସମ୍ପୃକ୍ତ ଶିକ୍ଷକଙ୍କର ଦରମା ପ୍ରଦାନ ପାଇଁ ଅନୁମତି ମିଳିଛି । ଏହାପଛରେ ବଡ଼ଧରଣର କାରବାର ହୋଇଥିବାର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଲାଣି । ଅଭିଯୋଗ ପରେ ସମ୍ପୃକ୍ତ ଶିକ୍ଷକଙ୍କର ପାଠପଢ଼ା ଓ ଜନ୍ମପ୍ରମାଣ ପତ୍ର ଦାଖଲ କରିବାକୁ କେନ୍ଦ୍ରାପଡ଼ାର ତତ୍କାଳୀନ ଭାରପ୍ରାପ୍ତ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମରୁ ତୃତୀୟ, ଚତୁର୍ଥ ଓ ୫ମ, ଷଷ୍ଠ ଓ ସପ୍ତମ, ୮ମରୁ ୧୦ମ, ଯୁକ୍ତ ଦୁଇ ଓ ସିଟି ତାଲିମ ଗ୍ରହଣ କରିଥିବାର ପ୍ରମାଣପତ୍ର ୨୦୨୦ ମସିହା ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ । ଅନ୍ୟଥା ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ ପୂର୍ବକ ଚୂଡ଼ାନ୍ତ ନିଷ୍ପତି ପର୍ଯ୍ୟନ୍ତ ତାଙ୍କର ଦରମା ବନ୍ଦ କରାଯିବ ବୋଲି ନିର୍ଦ୍ଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା । ହେଲେ ଚିଠିରେ ଚିଠିରେ ତଦନ୍ତ ସରିଗଲା । ସଂପୃକ୍ତ ଶିକ୍ଷକଙ୍କ ବାସ୍ତବ ବୟସ ପ୍ରାୟ ୫୮ବର୍ଷ ହୋଇଥିବାବେଳେ ସାର୍ଟିଫିକେଟରେ ୧୦ ବର୍ଷ କମ୍ କରି ଦର୍ଶାଯାଇଛି ଅର୍ଥାତ ତାଙ୍କୁ ଏବେ ୪୮ ବର୍ଷ ହୋଇଛି । ସର୍ଭିସ ବୁକ୍ ଖୋଲିବା ଲାଗି ଆବଶ୍ୟକ କାଗଜପତ୍ର ମଗାଇବାରୁ କିଛିମାସ ପୂର୍ବରୁ ଏଭଳି ଚଂଚକତା ସାମ୍ନାକୁ ଆସିଥିଲା । ଏତେସବୁ ଜାଲିଆତି ସତ୍ୱେ ବି ବିଇଓଙ୍କ କାର୍ଯ୍ୟାଳୟର ଏକ ଗୋଷ୍ଠୀ ସମଗ୍ର ଘଟଣାକୁ ଚପାଇ ଦେଇଥିବାର ଦେଖାଯାଇଛି । ଗତ ୨୦୦୮ ମସିହା ଜୁଲାଇରେ ରାଜ୍ୟର ଅନ୍ୟ ଜିଲ୍ଲା ପରି କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୬୪୫ଜଣ ପ୍ରାର୍ଥୀ ଗଣଶିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ୮ବର୍ଷ ବ୍ୟବଧାନରେ ଚାକିରି ନିୟମିତ ହେବା ସହ ୫୪୧ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ମିଳିଥିଲା । ସେମାନଙ୍କ ମଧ୍ୟରେ ଉକ୍ତ ଶିକ୍ଷକ ପ୍ରମାଣପତ୍ରରେ ବୟସ ୧୦ବର୍ଷ କମ୍‌କରି ପାଠପଢ଼ିଥିଲେ ଆଉ ପରେ ଚାକିରି କରିଥିଲେ । ତାଙ୍କର ବାସ୍ତବ ବୟସ ୫୮ ବର୍ଷ ହୋଇଥିବାବେଳେ ସେ ପ୍ରମାଣପତ୍ରରେ ଭୁଲ ତଥ୍ୟଦେଇ ୧୦ ବର୍ଷ କମାଇ ୪୮ ବୋଲି ଦେଖାଇଥିଲେ । ଏବେ ତାଙ୍କ ପୁଅକୁ ଆସି ୩୩ ବର୍ଷ ହୋଇଥିବାବେଳେ ସେ ଜେଜେ ହୋଇସାରିଲେଣି । ସାର୍ଟିଫିକେଟ ବୟସକୁ ହିସାବ କଲେ ବିଭିନ୍ନ ପ୍ରକାର ବିଭ୍ରାଟ ଦେଖାଦେଇଛି । ଯଦି ତାଙ୍କରବୟସ ସାର୍ଟିଫିକେଟ ହିସାବରେ ଧରାଯାଏ ତା'ହେଲେ ସେ ୧୬ ବର୍ଷ ବୟସରେ ବିବାହ କରିଥିବେ । ଯଦି ବିବାହ ତା'ଠାରୁ ଅଧିକ ବୟସରେ କରିଥାଆନ୍ତି ତା'ହେଲେ ନିହାତି ଭାବେ ସାର୍ଟିଫିକେଟ୍ ବୟସରେ ଭୁଲ୍‌ତଥ୍ୟଥିବ । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାବେଳେ ପ୍ରମାଣପତ୍ରରେ ୧୯୬୨ ବୋଲି ଦର୍ଶାଯାଇ ଥିବାବେଳେ ପରବର୍ତୀ ସମୟରେ ତାହା ୧୯୭୨ ମସିହା କେମିତି ହେଲା ? ତା' ହେଲେ ସେ ନିହାତି ଭାବେ ୧୬ ବର୍ଷ ବୟସରେ ବାପା ହୋଇଥିବେ । ଯଦି ୧୬ବର୍ଷ ବୟସରେ ସେ ବାପା ନହୋଇଥିବେ ତା' ହେଲେ ସେ ଚାକିରିକାଳ ବଢ଼ାଇବାକୁ ଏପରି କରିଥିବେ । କେନ୍ଦ୍ରାପଡ଼ା ଡିଇଓ ଶ୍ରୀ ସିଂଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଥିଲେ ଯେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଦୁର୍ନୀତିକୁ କଦାପି ପ୍ରଶୟ ଦିଆଯିବନି ବୋଲି ।

## ଶ୍ୟାମ ଖୋସଲା ଥିଲେ ଭାରତୀୟ ସାମ୍ବାଦିକତା ଜଗତର ଉଜ୍ଜ୍ୱଳତମ ନକ୍ଷତ୍ର

ବ୍ରହ୍ମପୁର (ପିଏନ୍): ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ଶ୍ୟାମ ଖୋସଲା ଥିଲେ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ ବୋଲି ସ୍ଥାନୀୟ ନବୀନ ଭବନ ପରିସରରେ ଆୟୋଜିତ ସ୍ମୃତିସଭାରେ ଏନୟୁଜେଆଇର ପୂର୍ବତନ ସମ୍ପାଦକ ତଥା ଉପସଭାପତି ରବି ରଥ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଦୀର୍ଘ ୫୦ ବର୍ଷ ଧରି ସ୍ୱର୍ଗତ ଖୋସଲା ବିଭିନ୍ନ ଖବରକାଗଜରେ କାର୍ଯ୍ୟ କରିବା ସହ ଜାତୀୟ ସାମ୍ବାଦିକ ୟୁନିଅନର ପ୍ରତିଷ୍ଠାତା ସଦସ୍ୟ, ଇଣ୍ଡିଆନ ମିଡିଆ ସେଣ୍ଟର ଓ ପଞ୍ଜାବ୍ ଗବେଷଣା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସଂଗଠନକୁ କ୍ରିୟାଶୀଳ କରାଇଥିଲେ । ସେ ଥିଲେ ଅତ୍ୟନ୍ତ କର୍ମଠ, ନୀତିନିଷ୍ଠ, ସଂଗ୍ରାମୀ, ବର୍ଷିୟାନ ସାମ୍ବାଦିକ, ବିଶିଷ୍ଟ ଶ୍ରମିକ ନେତା । ପ୍ରେସ୍ କାଉନସିଲର ଓ ସାମ୍ବାଦିକ ମଜୁରୀ ବୋର୍ଡ଼ର ସଦସ୍ୟ ଭାବେ କାର୍ଯ୍ୟକରି ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରି ଆସୁଥିଲେ । ସାମ୍ବାଦିକତା ବୃତ୍ତିରେ ଅବକ୍ଷୟ ଧାରାକୁ ସେ ଅନବରତ ବିରୋଧ କରି ଆସିବା ସହ ସାମ୍ବାଦିକଙ୍କ ଲକ୍ଷ୍ୟ ଓ ଆଦର୍ଶ ବଜାୟ ରଖିବା ପାଇଁ ସେ ସବୁବେଳେ ଉଦ୍ୟମରତ ଥିଲେ । ଇଂରାଜୀ ଖବର କାଗଜ ଟ୍ରିବୁନରେ ସେ ବହୁବର୍ଷ ଧରି କାର୍ଯ୍ୟ କରିବା ସହ ଚଣ୍ଡିଗଡ଼ ପ୍ରେସ କ୍ଲବର ପ୍ରତିଷ୍ଠାତା ଥିଲେ । ୧୯୭୫ ଭାରତର ଜରୁରୀ ପରିସ୍ଥିତିରେ ଗଣତନ୍ତ୍ର ସୁରକ୍ଷା ପାଇଁ ଲଢ଼େଇ କରି ୧୯ ମାସ ଧରି କାରାବରଣ କରିଥିଲେ । ସାମ୍ବାଦିକମାନଙ୍କ ପ୍ରେରଣାଦାତା ଭାବେ ସେ ସମସ୍ତଙ୍କୁ ଉତ୍ସାହିତ କରି ଆସୁଥିଲେ । ଖୋସଲାଙ୍କ ପରଲୋକ ହୋଇଯାଇଥିଲେ ମଧ୍ୟ ତାଙ୍କ ବିଚାରଧାରା ସବୁଦିନ ପାଇଁ ସାମ୍ବାଦିକମାନଙ୍କୁ ପ୍ରେରଣା ଯୋଗାଇ ଆସୁଥିବ ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ । ପ୍ରଥମେ ସାମ୍ବାଦିକ ସୁଶାନ୍ତ କର ଶୋକ ପ୍ରସ୍ତାବ ଆଗତ କରି ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଳବାୟୁ ବିଜ୍ଞାନୀ ଡ଼. ଡ଼ମ୍ବରୁଧର ସାହୁ, ବିଶିଷ୍ଟ ସମାଜସେବୀ ତଥା ଭଗବତ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷକ ସଂଘର ନେତା ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗଞ୍ଜାମ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୁଦତ୍ତା ରଥ, ଆଡ଼ଭୋକେଟ ଅବନୀ ଗୟା, ପ୍ରଣବ ପଣ୍ଡା, ରଞ୍ଜନ କୁମାର ସାହୁ, ବି. ସତ୍ୟମ ଆଚାରୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଏଚଏମଏସ ନେତା ସତ୍ୟ ନାରାୟଣ ତ୍ରିପାଠୀ, ସମାଜସେବୀ ଗଗନ ଚନ୍ଦ୍ର ମଲିକ, ନବୀନର ପ୍ରକାଶିକା ମଞ୍ଜୁ ରଥ, ପବିତ୍ର ଚୌଧୁରୀ, ବିଶ୍ୱଦେବ ପ୍ରମୁଖ ସ୍ମୃତିଚାରଣ କରିବା ସହ ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## କେନ୍ଦ୍ରାପଡା ଭାରତୀୟ ମାନବାଧିକାର ପରିଷଦର କୋଭିଡ ସଚେତନତା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ମାନବଧିକାର ପରିଷଦ ପକ୍ଷରୁ ଗରଦପୁର ବ୍ଲକରେ ଏକ କୋଭିଡ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପଦ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କଞ୍ଚନା ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ । ପରିଷଦର ଜାତୀୟ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଜାତୀୟ ସମ୍ପାଦକ ଚିତ୍ତରଞ୍ଜନ ତରାଇ, କେନ୍ଦ୍ରାପଡା ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ଆଇନ ପରାମର୍ଶ ଦାତା ସୌମ୍ୟ ଧଳ, ସମ୍ପାଦକ ଧନେଶ୍ୱର ପଟ୍ଟନାୟକ, ସଂଯୋଜକ ପ୍ରଦୀପ ବରାଳ ପ୍ରମୁଖ ଯୋଗଦେଇ କୋଭିଡ ନିୟମ ପାଳନ ନିମନ୍ତେ ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର, ସାମାଜିକ ଦୂରତା ରକ୍ଷା ଏବଂ ଅସହାୟ ବ୍ୟକ୍ତିମାନଙ୍କୁ ଶୁଖିଲା ଖାଦ୍ୟ ପରିବେଷଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ବେହୁରା, ରଶ୍ମୀରଞ୍ଜନ ସ୍ୱାଇଁ, ନିରଞ୍ଜନ ଶତପଥୀ, ଶୁଭମ ପାଣି, ଶିବପ୍ରସାଦ ପାଣି, ଚନ୍ଦ୍ରକାନ୍ତ ମିଶ୍ର, ବିଜେତା ସାମଲ, ଶୁଭଲକ୍ଷ୍ମୀ ମହାନ୍ତି, ରୀତାଞ୍ଜଳି ନାୟକ, ସୁନିତା ମାନା ଓ ସୁନିତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଟରାପାଟଣା ସାଇ ମନ୍ଦିରରୁ ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଚାଟରାପାଟଣାର ସାଇ ମନ୍ଦିରର ହୁଣ୍ଡିର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ସେଥିରେ ଥିବା ଟଙ୍କା ଚୋରି କରିନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ଗତ ସୋମବାର ବିଳମ୍ବିତ ରାତିରେ ସାଇ ମନ୍ଦିରର ବାହାରେ ଥିବା ହୁଣ୍ଡିକୁ ଭଙ୍ଗାଯାଇ ସେଥିରେ ଥିବା ଟଙ୍କାକୁ କେହି ଚୋରି କରିନେଇଥିବା ସମ୍ପର୍କରେ ଅଭିଯୋଗ ପାଇ ଟାଉନ ଥାନା ସବଇନିସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି ।

## ଗଣଧାରଣା ପ୍ରତ୍ୟାହାର କଲେ ବାରୋ ପଞ୍ଚାୟତବାସୀ




କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲାପାଳଙ୍କଠାରୁ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶୃତି ମିଳିବା ପରେ ଗଣଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି ବାରୋ ଗ୍ରାମପଞ୍ଚାୟତବାସୀ । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣାରେ ବାରୋ ପଞ୍ଚାୟତବାସୀ ବସିବା ପରେ କେନ୍ଦ୍ରାପଡା ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ତଦନ୍ତ କରି ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ବାରୋ ନବୋଦୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କାର୍ଯ୍ୟରେ ବହୁ ବେଆଇନ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ ଥିଲା । କିନ୍ତୁ ସେହି ରିପୋର୍ଟ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହାବ୍ୟତିତ ସେହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଥିଲା । ବାରୋ ପଞ୍ଚାୟତରେ ହୋଇଥିବା ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଚାଲୁରହିବ ବୋଲି ଧାରଣାକାରୀମାନେ କହିଥିଲେ । ଗତ ସୋମବାର ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡା ଓ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଭାଗୀରଥି ଜେନା, ନାଏବ ସରପଞ୍ଚ ବସନ୍ତ ନାୟକ ଓ ହେମନ୍ତ ପରିଡା ପ୍ରମୁଖ ଏକ ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ଅଭିଯୋଗ ଉପରେ ଆଲୋଚନା ପରେ ଜିଲ୍ଲାପାଳ ଶ୍ରୀ ଋତୁରାଜ ବାରୋ ପଞ୍ଚାୟତର ଦୁର୍ନୀତିରେ ଲିପ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଧାରଣାକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଥିଲେ । ଏହାପରେ ପିଡି ଶ୍ରୀ ପରିଡା ଓ ବିଡିଓ ଶ୍ରୀ ଦାସ ଧାରଣାସ୍ଥଳକୁ ଆସି ଗଣଧାରଣାରେ ବସିଥିବା ଧାରଣାକାରୀମାନଙ୍କୁ ଜିଲ୍ଲାପାଳଙ୍କ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ପର୍କରେ ପ୍ରତିଶୃତି ରଖିବାରେ ଧାରଣାକାରୀମାନେ ଧାରଣାକୁ ପ୍ରତ୍ୟାହାର କରିନେଇ ଧାରଣାସ୍ଥଳରୁ ଉଠିଯାଇଥିଲେ ।

## ଖବରକାଗଜ ହକର ତଥା କର୍କଟ ରୋଗୀଙ୍କୁ ନିସ୍ତୁକ ମାଡ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ଗ୍ରାମର ଜଣେ ବରିଷ୍ଠ ଖବରକାଗଜ ହକର ବାବାଜୀ ବେହେରା ଓ ତାଙ୍କ ଝିଅ ପ୍ରମିଳା ବେହେରାଙ୍କୁ ତାଙ୍କ ପଡିଶା ନିସ୍ତୁକ ମାଡ ମାରି ଲହୁଲୁହାଣ କରି ଦେଇଥିବା କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଛି । କୌଣସି କାରଣରୁ ପଡିଶା ଜଣକ ବାବାଜୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ଝିଅ ପ୍ରତି ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ । ଏହାର ପ୍ରତିବାଦ କରିବାରୁ ପଡିଶା ଘର ବାପ ପୁଅ ଦୁହେଁ ମିଶି ବାବାଜୀ ଓ ତାଙ୍କ ଝିଅ ଭଗବତୀ ବେହେରାକୁ ତାଙ୍କ ଘର ଆଗରେ ନିସ୍ତୁକ ମାଡ ମାରିବାରୁ ଗୁରୁତର ଅବସ୍ଥାରେ ବାବାଜୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ଭତ୍ତା ହିତାଧିକାରୀ ଭତ୍ତା ନପାଇବାରୁ ଅସନ୍ତୋଷ

କେନ୍ଦ୍ରାପଡା (ପିଏନ୍): ଭତ୍ତାହିତାଧିକାରୀ ମାନେ ଭତ୍ତା ନପାଇବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସରକାରଙ୍କ ଯୋଜନା ଅନୁଯାୟୀ ପ୍ରତ୍ୟେକ ମାସର ୧୫ ତାରିଖରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ହିତାଧିକାରୀମାନେ ସେମାନଙ୍କ ଭତ୍ତା ପାଇଥାନ୍ତି । କିନ୍ତୁ କେନ୍ଦ୍ରାପଡା ପୌରାଞ୍ଚଳରେ ଚଳିତ ମାସର ୧୫ତାରିଖରେ ଭତ୍ତା ହିତାଧିକାରୀମାନେ ଭତ୍ତା ପାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି ।




## ଖବର ପ୍ରକାଶ ପାଇବାର ଦୁଇଦିନ ପରେ ରେବନଦୀରେ ପଥର ପ୍ୟାକିଂ ଆରମ୍ଭ

ଭଦ୍ରକ: 'ରେବ ନଦୀ ଗର୍ଭରେ ଲୀନ ହେବ ଓରାଳି ଓ ହଟନଗର ଗାଁ- ମାପଚୁପରେ ବ୍ୟସ୍ତ ଅଧିକାରୀ, ପ୍ରତିକାର ନାହିଁ' ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯାଜପୁର ଜଳସେଚନ ବିଭାଗ ପକ୍ଷରୁ ଦୁଇଦିନ ହେଲା ପଥର ପ୍ୟାକିଂ ଆରମ୍ଭ ହୋଇଛି। ଓରାଳି ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏହିଠାରେ ଗ୍ରାମର ପ୍ରଭାତ ରାଉତଙ୍କର ଏକ କୋଠାଘର ନଦୀରେ ଲୀନ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଏହି କାର୍ଯ୍ୟ କେତେ ଟଙ୍କାର ଓ କିଏ କରୁଛି ସେ ନେଇ କୌଣସି ସୂଚନା ଫଳକ ସେଠାରେ ଦିଆଯାଇନାହିଁ। କାର୍ଯ୍ୟସ୍ଥଳରେ ଉପସ୍ଥିତ ଜନୈକ ବ୍ୟକ୍ତି କୌଣସି ତଥ୍ୟ ଦେଇ ପାରିନଥିବା ବେଳେ ଯାଜପୁର ଇରିଗେସନ ଡିପାର୍ଟମେଂଟ ଏହି କାର୍ଯ୍ୟ କରୁଛି ଓ ସେମାନେ ସବୁ ତଥ୍ୟ ଦେଇପାରିବେ ବୋଲି ଅନ୍ୟ ଜଣେ ବ୍ୟକ୍ତି ଆମ ପ୍ରତିନିଧିଙ୍କୁ ଫୋନରେ ସୂଚନା ଦେଇଛନ୍ତି। ତେବେ ଖବର ପ୍ରକାଶ ପାଇବା ପରେ ପରେ ବିଭାଗୀୟ ଅଧିକାରୀମାନେ ଯେଉଁପରି ତତ୍ପରତା ଦେଖାଇଛନ୍ତି ତାହା ସ୍ୱାଗତଯୋଗ୍ୟ ହୋଇଥିଲେ ହେଁ ସ୍ଥାନୀୟ ଅଧିବାସୀଙ୍କ ସୂଚନା ପାଇଁ ସେଠାରେ କୌଣସି ସୂଚନା ଫଳକ ଦିଆନଯିବା କେତେଦୂର ଯଥାର୍ଥ ବୋଲି ସ୍ଥାନୀୟ ଅ ଳର ଯୁବନେତା ଜୟପ୍ରକାଶ ମଲିକ ପ୍ରଶ୍ନ କରିଛନ୍ତି। ମିଳିଥିବା ଅଭିଯୋଗ ଅନୁଯାୟୀ ନଦୀ ଯେଉଁ କୂଳ ଖାଉଛି ତାହାର ମୂଳ କାରଣର ସମାଧାନ କରିବା ସହ ପଥର ପ୍ୟାକିଂ କରିବାର ଆବଶ୍ୟକତା ଥିଲା ବୋଲି ସ୍ଥାନୀୟ ଅଂଚଳର ଅଧିବାସୀମାନେ ମତ ପ୍ରକାଶ କରିଛନ୍ତି। ଏବେ ଯେଉଁ କାମ ହେଉଛି ତାହା ଦୀର୍ଘସ୍ଥାୟୀ ହୋଇନପାରେ ବୋଲି ମଧ୍ୟ କେତେକ ଗ୍ରାମବାସୀ କହିଛନ୍ତି। ରେବନଦୀର ଶାଖା କମାରଝୋରାର ସଂସ୍କାର ସଠିକ ଭାବେ ହୋଇପାରିନଥିବାରୁ ରେବ ନଦୀର ଗତିପଥ ବଦଳୁଥିବା କହିଛନ୍ତି ସ୍ଥାନୀୟ ଗ୍ରାମବାସୀ। କମାରଝୋର ସଂସ୍କାରର ଆବଶ୍ୟକତା ରହିଛି ଓ ଏହି କାର୍ଯ୍ୟ ତୁରନ୍ତ କରାଯାଉ ବୋଲି ଦାବି କରାଯାଇଛି। ସୂଚନା ଯୋଗ୍ୟ, ରେବ ନଦୀ ସଂପ୍ରତି କୂଳ ଖାଉଥିବାରୁ ଓରାଳି ଓ ହଟନଗର ଗ୍ରାମର ୫୦ ପରିବାର ଏବେ ଭୟ ଭିତରେ ରହୁଛନ୍ତି। ବହୁ ଅନୁରୋଧ କଲା ପରେ ବି କୌଣସି ପ୍ରତିକାର ହେଉନଥିଲା। ନଦୀ ପାର୍ଶ୍ୱରେ ଯାଇଥିବା ବୋଡ଼କ-ଓରାଳି ପ୍ରଧାନମନ୍ତ୍ରୀ ସଡ଼କର କିଛି ଅଂଶ ନଦୀରେ ମିଶି ସାରିଲାଣି। ନଦୀ କୂଳ ଖାଇବା ଫଳରେ କେତେକ ସ୍ଥାନରେ ରାସ୍ତା ମଧ୍ୟ ଦବି ଯାଉଛି। ରାସ୍ତା ସହ ଏହି ଗ୍ରାମର କିଛି ଘର ନଦୀରେ ମିଶିବା ପରେ ପରେ କେତେକ ପରିବାର ନିଜର ଭିଟାମାଟି ହରାଇସାରିଛନ୍ତି।

## କେନ୍ଦୁଝର: ଜଗଦଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରେ ଦୁର୍ନିତିର ଗନ୍ଧ: ପ୍ରଶାସନିକ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ

କେନ୍ଦୁଝର:କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ଗ୍ରାମ ପଂଚାୟତରେ ରହିଛି ଜଗଦଳା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ର ଡ୍ୟାମ ସହ ରିଜର୍ଭର, ଟନେଲ, ସରପ୍ଲସ ଟନେଲ, ମୁଖ୍ୟ କେନାଲ ଆଦି , ଯାହା କି ଜଙ୍ଗଲ ଅଂଚଳ ମଧ୍ୟରେ ଅବସ୍ଥିତ । ବିଗତ ବର୍ଷମାନଙ୍କରେ ଶାଖା କେନାଲ ମାଧ୍ୟମରେ ଏହି ଡ୍ୟାମରୁ ଝୁମ୍ପୁରା ଓ ସଦର ବ୍ଲକର ଗୋଡୁଆ ଟୋପା, ରେଙ୍ଗାଲବେଡା, ଧନୁର୍ଜୟପୁର, କୁଞ୍ଜରଡିହି, ସିଲିସୁଆଁ, କାଳିସୁଇ, କଣ୍ଡାରାପଶି ପ୍ରଭୃତି ଗ୍ରାମର ଚାଷଜମିକୁ ଜଳସେଚିତ ହୋଇଆସୁଥିଲା । କିନ୍ତୁ ସମୟ କ୍ରମେ ରକ୍ଷଣବେକ୍ଷଣ ଅଭାବରୁ ରିଜର୍ଭର ଧୀରେ ଧୀରେ ପୋତି ହୋଇଯିବା ସହ ଟନେଲ ଆଦିରେ ଲିକ ଦେଖାଗଲା। ଯେଉଁଥିପାଇଁ ଚାଷ ଜମିକୁ ପାଣି ମାଡିଲା ନାହିଁ। ଚାଷୀ ମାନଙ୍କ ପକ୍ଷରୁ ଏ ସଂପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ପରେ ଗତ ୨୦୧୮ମସିହାରେ ଜଗଦଳା ଡ୍ୟାମ ରିଜର୍ଭରର ପଙ୍କ ଉଦ୍ଧାର ସହ ଟନେଲର ମରାମତି, ମୁଖ୍ୟ କେନାଲ ମରାମତି ଆଦି ପାଇଁ ଜିଲା ଖଣିଜ ପାଣ୍ଠିରୁ ୩ କୋଟି ୩୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ବ୍ୟୟବରାଦ କରାଗଲା। କ୍ଷୁଦ୍ର ଜଳ ସେଚନ ବିଭାଗ ଜରିଆରେ ଟେଣ୍ଡର ଦିଆଗଲା। ଅନୁରୁପ ଭାବେ କେନାଲ ଗୁଡିକର ମରାମତି, କେନାଲ ସ୍ୱାଇଫଲ ମରାମତି ପାଇଁ କ୍ଷୁଦ୍ର ଜଳ ସେଚନ ବିଭାଗ ଜରିଆରେ ଆଉ ଗୋଟିଏ ଟେଣ୍ଡର ହେଲା। ଜିଲା ଖଣିଜ ପାଣ୍ଠିରୁ ଦ୍ୱିତୀୟ ଟେଣ୍ଡର ପାଇଁ ୩ କୋଟି ୩୩ ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟ ବରାଦ ହେଲା । ଜିଲା ଖଣିଜ ପାଣ୍ଠିରୁ ଜଗଦଳା ଡ୍ୟାମର ଉନ୍ନତି କରଣ ପାଇଁ ସମୁଦାୟ ପ୍ରାୟ ୭ କୋଟି ଟଙ୍କାର ବ୍ୟୟ ବରାଦ ରହିଥିଲା । ସମୁଦାୟ କାମର ତଦାରଖ ଦାୟିତ୍ୱ କ୍ଷୁଦ୍ର ଜଳ ସେଚନ ବିଭାଗର ଥିଲା। କିନ୍ତୁ ଇତି ମଧ୍ୟରେ ଦୁଇରୁ ଉର୍ଦ୍ଧ ବର୍ଷ ସମୟ ବିତିଯିବା ପରେ ମଧ୍ୟ ଡ୍ୟାମ ରିଜର୍ଭର ର ପଙ୍କୋଦ୍ଧାର କାମ କିମ୍ବା ଟନେଲ ମରାମତି କାମ ଆରମ୍ଭ ହେଲାନାହିଁ। କେବଳ ମୁଖ୍ୟ କେନାଲର କିଛି ଅଂଶକୁ ଉପରଠାଉରିଆ ଭାବେ ମରାମତି ନାମରେ ବିଲ୍ କରିନିଆଗଲା । ଯେଉଁ କାମର ଗୁଣାବତା ଉପରେ ଚାଷୀମାନେ ଆଦୌ ସନ୍ତୁଷ୍ଟ ନଥିବା ଖୋଲା ଖୋଲି ପ୍ରକାଶ କରିଛନ୍ତି । ଅନୁରୁପ ଭାବେ କେନାଲ ମରାମତି କାମ କେବଳ କେନାଲର ଲାଇନିଙ୍ଗ ନିର୍ମାଣରେ ସୀମିତ ରହିଛି। ସ୍ୱାଇଫଲ ନିର୍ମାଣ କାମ ଆରମ୍ଭ ମଧ୍ୟ ହୋଇନାହିଁ। କେତେକ ଜାଗାରେ କେବଳ ସିମେଣ୍ଟ ପ୍ଲାଷ୍ଟର କରାଯାଇ କାମକୁ ଯେଣତେଣ ସାରି ଦିଆଯାଇଛି। କେନାଲ ର ବହୁ ଲାଇନିଙ୍ଗ ଅଂଶ ଓ ସ୍ୱାଇଫଲ ସବୁ ଅଧପନ୍ତରିଆ ହୋଇ ପଡି ରହିଛି। ଏନେଇ ଚାଷୀଙ୍କର ତଥ୍ୟ ଭିତିକ ଅଭିଯୋଗ ଏବଂ ଅନୁସନ୍ଧାନ ତଥ୍ୟ ଗଣ ମାଧ୍ୟମ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। କ୍ଷୁଦ୍ର ଜଳ ସେଚନ ବିଭାଗ କେବଳ ବୈଠକ ଡକାଇ କାମ ଚଳାଇ ନେଉଛି ବୋଲି ଚାଷୀ ସୁନାରାମ ମାଝୀ, ଜାପାନ ମାଝୀ, ଆଦେଶ ମୁଣ୍ଡା, କହ୍ନେଇ ମାଝୀ, ଇଶ୍ୱର ଟୁଡୁ, ରମେଶ ମୁଣ୍ଡା, ଲକ୍ଷ୍ମୀଧର ମାଝୀ ପ୍ରମୁଖ ସ୍ଥାନୀୟ ଚାଷୀମାନେ ସିଧାସଳଖ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ କେନାଲ ଏବଂ ଡ୍ୟାମ ନିକଟରେ ଥିବା ଉଭୟ ସୂଚନା ଫଳକରେ ୨୦୧୮ ଜାନୁଆରୀ ୫ ତାରିଖରେ କାର୍ଯ୍ୟ ଆରମ୍ଭ ଏବଂ ୨୦୧୮ ଡିସେମ୍ବର ୪ ତାରିଖରେ ଶେଷ ବୋଲି ଦର୍ଶାଯାଇଛି ଯାହାର ସତ୍ୟତା ବାସ୍ତବତା ଠାରୁ ବହୁ ଦୂରରେ ବୋଲି ଚାଷୀମାନେ ଦାବୀ କରିଛନ୍ତି। ଚାଷୀଙ୍କର ଦାବୀ ସଂପର୍କରେ କ୍ଷୁଦ୍ର ଜଳ ସେଚନ ବିଭାଗର ସହକାରୀ ଯନ୍ତ୍ରୀ ଡି. ପ୍ରଧାନ ତାଙ୍କ ମତାମତରେ କେବଳ କାମ ହେବ କହି ଚୁପ ରହିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ କେନ୍ଦୁଝରସ୍ଥିତ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ଦାସ , ରିଜର୍ଭର ରେ ପାଣି ପଶି ଯିବାରୁ କାମ ହୋଇ ପାରିନଥିବା କହିଥିଲେ ମଧ୍ୟ ସୂଚନା ଫଳକ ସମ୍ବନ୍ଧରେ ନୀରବ ରହି ଥିଲେ। ତେବେ ସତ୍ୟ କଣ ? ଏବଂ ସୂଚନା ଫଳକରେ କାର୍ଯ୍ୟଶେଷ ହୋଇଥିବାର ମିଥ୍ୟା ତଥ୍ୟ ଦିଆଯିବାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଅଛି । ଅନ୍ୟପକ୍ଷରେ ଗୁରୁତ୍ୱପୁର୍ଣ୍ଣ କ୍ଷୁଦ୍ରଜଳସେଚନ ବିଭାଗରେ ଏତାଦୃଶ୍ୟ କାର୍ଯ୍ୟ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ସ୍ୱଚ୍ଛ ଶାସନ ବ୍ୟବସ୍ଥାର ନଗ୍ନ ନମୁନା ପାଲଟିଥିବା ବେଳେ ୫-ଟିର କାର୍ଯ୍ୟ ଦକ୍ଷତା ଉପରେ ସ୍ୱଭାବିକ ଭାବେ ପ୍ରଶ୍ନ ଚିହ୍ନ ଲଗାଇଥିବାକୁ ନେଇ ଚର୍ଚ୍ଚାକୁ ଆରମ୍ଭ ହୋଇଛି ।

## ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟିତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ। ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ୍ୟ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗିବହୁ ସ୍ୱପ୍ନ ଦେଖିଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନଙ୍କୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।
ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି। ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ ବୈଠକରେ ନିଷ୍ପତି ନିଆଯାଇଛି।
ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ। ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ। ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।
ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।
ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଂଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## ଓଡିଶା ବିକାଶ ପରିଷଦ ଓ କଳିଙ୍ଗ ଭାରତୀ ଫାଉଣ୍ଡେସନ ଗଠିତ

ନୂଆପଡା: କ୍ଷତ୍ରୀୟ, ପାଇକ, ଖଣ୍ଡାୟତ କୃଷକ ସୈନିକ ପରମ୍ପରାକୁ ଉଜ୍ଜିବିତ କରିବା ପାଇଁ ରାଜ୍ୟସ୍ତରୀୟ ଓଡିଶା ବିକାଶ ପରିଷଦ ଓ କଳିଙ୍ଗ ଫାଉଣ୍ଡେସନ ଗଠିତ ହୋଇଯାଇଛି । ଓଡିଶା ବିକାଶ ପରିଷଦର ସଭାପତି ଭାବରେ ଭୁବନେଶ୍ୱର ଡ. ପୃଥିରାଜ ପ୍ରତାପ ସିଂ, ସମ୍ପାଦକ ଭାବରେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କାଶିପଲା ଗ୍ରାମର ଆଇନଜୀବୀ ବିଭୁଦତ ଚଲାନ, କୋଷାଧ୍ୟକ୍ଷ ଭାବରେ ପୁରୀ ବ୍ରହ୍ମଗିରି ଚିନ୍ତାମଣି ଜେନା, ଉପ ସଭାପତି ଭାବରେ କଳାହାଣ୍ଡି ଭବାନୀପାଟଣାର ମିନତୀ ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବରେ କଳାହାଣ୍ଡି ଏମ. ରାମପୁରର ଲିପସାମୟୀ ଦୁବେ, ସଦସ୍ୟ ଭାବରେ ବ୍ରହ୍ମଗିରୀ ପୁରୀର ଭିକାରୀ ଜେନା, କେନ୍ଦୁଝର ଜିଲ୍ଲା ହରିଚନ୍ଦ୍ରପୁର ନରହରୀ ମହନ୍ତ, ଗଞ୍ଜାମ ଜିଲ୍ଲାର ଆଶାଲତା ନାଏକ, ମୟୁରଭଞ୍ଜ ଜିଲ୍ଲା ବାରିପଦା ବେତନଟୀର ସର୍ବେଶ୍ୱର ମହନ୍ତଙ୍କୁ ସର୍ବସମ୍ମତି କ୍ରମେ ୱେବିନାର ବୈଠକ ମାଧ୍ୟମରେ ଚୟନ କରାଯାଇଥିଲା । ଜିଲ୍ଲାସ୍ତରୀୟ କୋ-ଅଡିନେଟର ଭାବରେ ନୂଆପଡା ଜିଲ୍ଲା ପାଇଁ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ, ପୁରୀ ଜିଲ୍ଲା ପାଇଁ ଦିଲ୍ଲିପ କୁମାର ବଲିଆର ସିଂହ, କଳାହାଣ୍ଡି ଜିଲ୍ଲା ପାଇଁ ମଙ୍ଗଳୁ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ପାଇଁ ଶୁଭେନ୍ଦୁ ନାୟକ, କେନ୍ଦୁଝର ଜିଲ୍ଲା ପାଇଁ ସୁଦର୍ଶନ ମହନ୍ତ, ମୟୁରଭଞ୍ଜ ଜିଲ୍ଲା ପାଇଁ ହରେକୃଷ୍ଣ ମହନ୍ତ ଓ ପରାମର୍ଶଦାତା ଭାବରେ ଭୁବନେଶ୍ୱରର ଶକୁନ୍ତଳା ବଲିଆରସିଂ, କଳାହାଣ୍ଡି ରାମପୁରର ସତ୍ୟନାରାୟଣ ମୁଣ୍ଡଛିନ୍ନା, ନୂଆପଡା ଜିଲ୍ଲା ଖଡିଆଳର ଅଧ୍ୟାପକ ରୁଦ୍ରମାଧବ ବାରିକ, ବ୍ରହ୍ମପୁର ବଂଶିଧର ନାୟକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ସେହିପରି କଳିଙ୍ଗ ଭାରତୀ ଫାଉଣ୍ଡେସନର ସଭାପତି ଭାବରେ ବ୍ରହ୍ମଗିରୀ ପୁରୀର ରବି ନାରାୟଣ ନନ୍ଦ, ସମ୍ପାଦକ ଭାବରେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କାଶିପଲା ଗ୍ରାମର ଅଶୋକ କୁମାର ବାରିକ, କୋଷାଧ୍ୟକ୍ଷ ଭାବରେ ନୂଆପଡା ଜିଲ୍ଲା ଖଡିଆଳର ଶ୍ରୀବତ୍ସ ବାରିକ, ଉପସଭାପତି ଭାବରେ ଖଣ୍ଡଗିରିର ଅଲକା ମଲ୍ଲିକ, ଯୁଗ୍ମ ସମ୍ପାଦକ ଭାବରେ ବ୍ରହ୍ମପୁରର ପ୍ରବୀଣ କୁମାର ପ୍ରଧାନ, ସଦସ୍ୟ ଭାବରେ ଥୁଆମୁଳ-ରାମପୁରର ଗୋବିନ୍ଦ ପ୍ରଧାନୀ, ଜୟପୁରର ମଙ୍ଗଳୁରାମ ମହନ୍ତ, ବ୍ରହ୍ମଗିରୀ ବିକ୍ରମ ପଲାଇ, କେଉଁଝର ସୁଦର୍ଶନ ମହନ୍ତ ଓ ପରାମର୍ଶଦାତା ଭାବରେ ବଂଶିଧର ନାୟକ, ପଦ୍ମଶ୍ରୀ ସୁଭାଷ ପାଲେକର ଓ ଅକ୍ଷୟ ସାମଲଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏହି କମିଟି କ୍ଷତ୍ରୀୟ ପାଇକ ମାନଙ୍କ ପାଇଁ କୃଷିର ବିକାଶ ଶିକ୍ଷା, ବ୍ୟବସାୟର ଉନ୍ନତି ସହିତ ଜାତିର ବୌଦ୍ଧିକ ବିକାଶ ଦିଗରେ କାମ କରିବେ ବୋଲି ଅବାହକ ଜଗତ କିଶୋର ସାମଲ ପ୍ରକାଶ କରିଛନ୍ତି ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।
ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ।
ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।
ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।
ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।
ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ ।
ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## କରୋନା ମୁକାବିଲା ପାଇଁ ବିଜେପି ତରଫରୁ କୋଭିଡ-୧୯ ଶୀର୍ଷକ କର୍ମଶାଳା

କେନ୍ଦ୍ରାପଡ଼ା: ବାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଶାକା ତରଫରୁ ଭର୍ଚୁଆଲ ମାଧ୍ୟମରେ "କୋଭିଡ-୧୯ ଆହ୍ୱାନ" ଶୀର୍ଷକ କର୍ମଶାଳା ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଜଗତ୍‌ସିଂହପୁର ର ପୂର୍ବତନ ସାଂସଦ ତଥା ଅନୁସୂଚିତ ମୋର୍ଚ୍ଚାର ରାଜ୍ୟ ସଭାପତି ଡ଼ଃ ବିଭୂ ପ୍ରଶାଦ ତରାଇ ଯୋଗଦେଇ ସଂପ୍ରତି କୋଭିଡ ମହାମାରୀ କୁ ଦେଶରେ ସଫଳ ମୁକାବିଲା ପାଇଁ ଆମ ପ୍ରିୟ ପ୍ରଧାନମନ୍ତ୍ରୀ ପଦକ୍ଷେପ ନେଇ ସଫଳ ପରିଚାଳନା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦେଶରେ କରୋନାର ପ୍ରଥମ ଲହରରେ ଦଳର କାର୍ଯ୍ୟକର୍ତା ମାନଙ୍କୁ ସେବା ହିଁ ସଂଗଠନ ମାଧ୍ୟମରେ ଗରିବ ଲୋକ ମାନଙ୍କୁ କରୋନା ମହାମାରୀ ବିଷୟରେ ବୁଝାଇବା ସହିତ ମାକ୍ସ, ସାବୁନ, ସାନିଟାଇଜର, ସୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟର ଆହ୍ୱାନ ଦେବାପରେ ଦେଶର ଅଗଣିତ କାର୍ଯ୍ୟକର୍ତା ସେମାନଙ୍କ ଜୀବନକୁ ବାଜି ଲଗାଇ ଲୋକ ମାନଙ୍କ ସେବାରେ ନିୟୋଜିତ ହୋଇଥିଲେ । ସେହିଭଳି ଦ୍ୱିତୀୟ ଲହର ପରିଚାଳନାରେ ସ୍ୱାସ୍ଥ୍ୟସେବା ଭିତିଭୂମିର ବିକାଶ, ଟୀକା ଉତ୍ପାଦନ ବୃଦ୍ଧି, କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ବୃଦ୍ଧି, ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠା ଓ ଜଳ, ସ୍ଥଳ ଓ ଆକାଶ ମାର୍ଗରେ ବିଭିନ୍ନ ସ୍ଥାନରେ ପହଁଚାଇବା, ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ଚାଉଳ, ଡାଲି, ରନ୍ଧନ ଗ୍ୟାସ ଯୋଗାଇବା, ଦେଶରେ କୃଷକ, ଶ୍ରମିକ, ମହିଳା, ବିଧବା, ବିକଳାଙ୍ଗ, ଛୋଟ ଉଠା ଦୋକାନୀ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଦ୍ୱାରା ଦେଶରେ ମହାମାରୀର ସଫଳ ମୁକାବିଲା ହୋଇ ପାରିଛି ବୋଲି ଶ୍ରୀ ତରାଇ ଭର୍ଚୁଆଲ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ନେତୃବୃନ୍ଦ, ଜିଲ୍ଲା ତଥା ମଣ୍ଡଳ ସ୍ତରର କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୪ ଓ ୫ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ

## ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି। ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା। ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି।
ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି। ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି। ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ। ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

## ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।
ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଳା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।
ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।
ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି। କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।






# ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ପକ୍ଷରୁ ୫,୦୦୦ କୋଟି ଟଙ୍କାର ଆର୍ଥିକ ସହାୟତା



ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ପ୍ରାକୃତିକ ସମ୍ପଦ ଉତ୍ପାଦନକାରୀ ବେଦାନ୍ତ ଗ୍ରୁପ୍ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ପୋଷଣ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟସେବା, ପଶୁ କଲ୍ୟାଣ ଏବଂ ତୃଣମୂଳସ୍ତରରେ ଖେଳର ବିକାଶ, କରୋନା ମହାମାରୀ ବିରୋଧରେ ଲଢ଼ି କରୋନା ମୁକ୍ତ ଗାଁ ଆଦି ଲକ୍ଷ୍ୟ ପୂରଣ ପାଇଁ ୫,୦୦୦କୋଟିର ସହାୟତା ଘୋଷଣା କରାଯାଇଛି। ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୫ ବର୍ଷରେ ଏହି ଅନୁଦାନ ଯୋଗାଇ ଦିଆଯାଇଯିବ। ବେଦାନ୍ତ ସାମାଜିକ ଗୋଷ୍ଠୀ ସହିତ କମ୍ପାନୀର ବିକାଶକୁ ଗୁରୁତ୍ୱ ପ୍ରଦାନ କରିଥାଏ। ଅନୀଲ ଅଗ୍ରୱାଲ ଇତିମଧ୍ୟରେ ତାଙ୍କ ସମ୍ପତିର ୭୫ ପ୍ରତିଶତ ସମ୍ପତି ସାମାଜିକ ଏବଂ ଲୋକଙ୍କ ବିକାଶ କ୍ଷେତ୍ରରେ ଉପଯୋଗ କରିସାରିଛନ୍ତି। ସ୍ୱାସ୍ଥ ଗାଁ ଅଭିଯାନ ମେଗା ପ୍ରକଳ୍ପ ଅନ୍ତର୍ଗତ ସାମାଜିକ ଗୋଷ୍ଠୀର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସମ୍ପନ୍ନ ହେବ। କୋଭିଡ଼ର ପ୍ରଭାବ ହ୍ରାସ ପାଇଁ ବେଦାନ୍ତ ପକ୍ଷରୁ ଆବଶ୍ୟକ ସେବା ଜାତୀୟସ୍ତରରେ ଯୋଗାଇ ଦିଆଯିବ। ଏହାଦ୍ୱାରା ନିଯୁକ୍ତି ସୁଯୋଗ ବୃଦ୍ଧି, ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି, ସ୍ଥାୟିତ୍ୱ ବୃଦ୍ଧି ସମ୍ପନ୍ନ ହେବା ସହିତ ଭାରତର ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। କେପିଏମ୍‌ଜି ଅନୀଲ ଅଗ୍ରୱାଲ ଫାଉଣ୍ଡେଶନର ଅଂଶୀଦାର ଭାବେ ଏହି କାର୍ଯ୍ୟକ୍ରମରେ ମିଳିତ ଭାବେ ସହାୟତା ଯୋଗାଇ ଦିଆଯିବ। ଏହି ଅବସରରେ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଲେ, ଆମେ ଦୀର୍ଘସ୍ଥାୟୀ ଏବଂ ଅନ୍ତର୍ଭୁକ୍ତିକରଣ ବିକାଶ ଗ୍ରାମୀଣ ଅଂଚଳରେ କରାଇବା ଲକ୍ଷ୍ୟ ନେଇ ଏହି ପ୍ରୟାସ ଆରମ୍ଭ କରିଛୁ। ଏହା ସାମ୍ପ୍ରତିକ ସମୟର ଆବଶ୍ୟକତା। ସ୍ୱସ୍ଥ ଗାଁ ଅଭିଯାନ ମାଧ୍ୟମରେ ଗ୍ରାମୀଣ କ୍ଷେତ୍ରରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ସମାଧାନ ୧୦୦୦ ଗାଁରେ ଯୋଗାଇ ଦେବାକୁ ସକ୍ଷମ ହେବ। ବେଦାନ୍ତର ନନ୍ଦଘର ଫ୍ଲାଗଶିପ୍ ପ୍ରକଳ୍ପ ସହାୟତାରେ ୭ କୋଟି ଶିଶୁ ଏବଂ ୨ କୋଟି ମହିଳାଙ୍କ ବିକାଶ ଲକ୍ଷ୍ୟ ରଖାଯାଇଛି।ଏହା ମାଧ୍ୟମରେ ଆବଶ୍ୟକ ସ୍ୱାସ୍ଥ୍ୟସେବାର ଭିତିଭୂମି ସାମାଜିକ କ୍ଷେତ୍ରରେ କରାଯିବାର ଲକ୍ଷ୍ୟ ରହିଛି। ଏହାଦ୍ୱାରା ବେଦାନ୍ତ ସବୁବେଳେ ସରକାର ଏବଂ ଦେଶର ଲୋକଙ୍କ ସହିତ ଏଭଳି ସଙ୍କଟ ଜନକ ପରିସ୍ଥିତିରେ ଛିଡ଼ା ହୋଇଛି। ଆମେ ବିଶ୍ୱାସ କରୁଛୁ ଯେ, ଏହି ଅତିରିକ୍ତ ଇନ୍‌ଫ୍ରାଷ୍ଟ୍ରକଚର ଖୁବ୍ ଶୀଘ୍ର ସ୍ଥାପନା କରାଯିବ। ଏହାଦ୍ୱାରା ଭୟଙ୍କର ମହାମାରୀ ଭୂତାଣୁ ସଂକ୍ରମଣରୁ ମୁକ୍ତି ମିଳିବାର ମାର୍ଗ ପ୍ରଶସ୍ତ ହୋଇପାରିବ। ଏହା ସହିତ ବେଦାନ୍ତ ପକ୍ଷରୁ ଆବଶ୍ୟକ ମେଡ଼ିକାଲ ଇକ୍ୟୁପମେଂଟସ୍ ଆମର ବୀର କରୋନା ଯୋଦ୍ଧା ପାଲଟିଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଯୋଗାଇ ଦିଆଯିବ। ଏଭଳି ସଙ୍କଟ ସମୟରେ ଯାହା ଆବଶ୍ୟକ ଆମେ ତାହା ଯଥା ସମ୍ଭବ ଯୋଗାଇ ଦେବାର ପ୍ରୟାସ କରିବୁ।ସ୍ୱାସ୍ଥ୍ୟ ଗାଁ ଅଭିଯାନ ଦ୍ୱାରା ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ସହାୟତାରେ ଦେଶର ୧୨ ରାଜ୍ୟର ୨୪ ଜିଲ୍ଲା ଏବଂ ୧୦୦୦ ଗାଁରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏହାଦ୍ୱାରା ୨ ନିୟୁତ ଲୋକଙ୍କ ଜୀବନଜୀବିକାର ବିକାଶ ସମ୍ଭବ ହେବ। ଜିଲ୍ଲାସ୍ତରରେ ଅକ୍ସିଜେନ୍ ଜେନେରେଶନ୍ ପ୍ଲାଂଟ୍, ଟେଲିମେଡ଼ିସିନ୍ ସର୍ଭିସ୍, ମେଡ଼ିକାଲ ଅପଗ୍ରେଡ଼େଶନ୍, ଡାଇଗ୍ନୋଷ୍ଟିକ୍ ଇନଫ୍ରାଷ୍ଟ୍ରକଚର, ମୋବାଇଲ୍ ମେଡ଼ିକାଲ ଭ୍ୟାନ୍, ଆମ୍ବୁଲାନ୍ସ ଆଦି ସୁବିଧା ଆଦି ଯୋଗାଇ ଦିଆଯିବ। ସେହିପରି ଅଭିଜ୍ଞ ଡାକ୍ତର ବିଭିନ୍ନ ଜିଲ୍ଲାସ୍ତରୀୟ ହସ୍ପିଟାଲରେ ନିଯୁକ୍ତ କରାଯିବ। କୋଭିଡ୍-୧୯ର ପ୍ରଭାବ ହ୍ରାସ ପାଇଁ ସ୍ୱସ୍ଥ ଗାଁ ଅଭିଯାନ ଅନ୍ତର୍ଗତ ପ୍ରମୁଖ ନିବେଶ ରାଜ୍ୟ ସରକାର ଏବଂ ଜିଲ୍ଲାର ମିଳିତ ସହଯୋଗରେ କରାଯାଇ ଆବଶ୍ୟକ ସୁରକ୍ଷା ଏବଂ ସ୍ୱାସ୍ଥ୍ୟସେବା ସାମାଜିକସ୍ତରରେ ଉପଲବ୍ଧ କରାଯିବ। ସେହିପରି ଟିକାକରଣ ଅଭିଯାନ ସ୍ୱତନ୍ତ୍ର ମେଡ଼ିକାଲ ଶିବିର ଦ୍ୱାରା ଦୁର୍ଗମ ଅଂଚଳରେ ସମ୍ପନ୍ନ ହେବ। ଏହା ସହିତ ଜିଲ୍ଲା ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ସେବା କେନ୍ଦ୍ରରେ ଗୁଣବତା ଚିକିତ୍ସା ଯୋଗାଇ ଦିଆଯିବ।ପଶୁ କଲ୍ୟାଣ ଯୋଜନା ଅନ୍ତର୍ଗତ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ପକ୍ଷରୁ ଗୁହାଳ ସ୍ଥାପନ କରାଯିବ। ଫ୍ଲାଗ୍‌ଶିପ୍ ପ୍ରକଳ୍ପ ନନ୍ଦଘର ମାଧ୍ୟମରେ ମହିଳା ଏବଂ ଶିଶୁ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ୭ କୋଟି ଶିଶୁ ଏବଂ ୨ କୋଟି ମହିଳାଙ୍କ ବିକାଶ ସମ୍ଭବ ହେବ।୫୦୦୦ କୋଟି ଟଙ୍କାର ନିବେଶ କରାଯିବା ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ବେଦାନ୍ତର ମିଳିତ ଉଦ୍ୟମରେ ଭାରତର ଗ୍ରାମୀଣ ଅଂଚଳର ସାମାଜିକସ୍ତରରେ ଆତ୍ମନିର୍ଭର ଗୋଷ୍ଠୀ ସୃଷ୍ଟି କରାଯିବ।

# ବାଲେଶ୍ୱରର ପ୍ରମୁଖ ଶିକ୍ଷାଅନୁଷ୍ଠାନ ବିର୍ଲା ଟାୟାର୍ସରେ ତାଲା : ପିଲା ଛୁଆଙ୍କ ସହ କର୍ମଚାରୀଙ୍କ ଧାରଣା

ବାଲେଶ୍ୱର: ଉତ୍ତର ଓଡ଼ିଶା ତଥା ବାଲେଶ୍ୱରର ପ୍ରମୁଖ ଶିକ୍ଷାଅନୁଷ୍ଠାନ ବିର୍ଲା ଟାୟାର୍ସର ଅଚଳା ଅବସ୍ଥା ଦେଖାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ପ୍ରାୟ ଦୀର୍ଘଦିନ ଧରି କାରଖାନା ବନ୍ଦ ରଖିଛନ୍ତି। କିନ୍ତୁ କିଛି କର୍ମଚାରୀ ଏଥିରେ ନିୟୋଜିତ ଥିଲେ ମଧ୍ୟ ସେମାନଙ୍କୁ ତାଙ୍କର ପ୍ରାପ୍ୟ ମିଳିନାହିଁ। ପୂର୍ବରୁ ଶ୍ରମିକ ସଂଘଠନର କର୍ମକର୍ତ୍ତା, ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କମ୍ପାନୀ କାରଖାନା ନ ଚଳାଇବାରୁ ଶହ ଶହ ସଂଖ୍ୟା କର୍ମଚାରୀ ଭୋକ ଉପାସରେ କାଳ କାଟୁଛନ୍ତି। କାରଖାନାର ସବୁ ପ୍ରକାର ପାରିପାର୍ଶିକ ସ୍ଥିତି ଭଲ ଥିଲେ ମଧ୍ୟ ଆନ୍ତର୍ଜାତୀୟ ବଜାରରେ ଟାୟାରର ମୂଲ୍ୟ ଠିକଭାବେ ମିଳୁନଥିବା କାରଣ ଦର୍ଶାଇ ବାଲେଶ୍ୱରର କାରଖାନା ବନ୍ଦ କରି ଉତ୍ତରାଞ୍ଚଳ ଉତ୍ତରାଖଣ୍ଡରେ ଆଉ ଏକ ଅନୁରୂପ କାରଖାନା ଚଳାଇଛନ୍ତି। ପୂର୍ବରୁ ବିର୍ଲା ଟାୟାର୍ସର ଶ୍ରମିକ ସଂଗଠନର ନେତୃତ୍ୱ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରୀପାଠି, ରାଜ୍ୟର ବରିଷ୍ଠ ବିଜେଡ଼ି ନେତା ପ୍ରଫୁଲ୍ଲ ସାମଲ ଓ ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ଅରୁଣ ଦେ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲା ବେଳେ ଏବେ ସେପରି କେହି ପ୍ରମୁଖ ନେତା ଶ୍ରମିକମାନଙ୍କର ସ୍ୱାର୍ଥ ଓ ସୁରକ୍ଷା ପ୍ରତି ଧ୍ୟାନ ଦେଉ ନାହାନ୍ତି। ଅପରପକ୍ଷରେ ବାଲେଶ୍ୱରର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବିର୍ଲା ଟାୟାର୍ସର ଚଳାଇବା ଦିଗରେ ଉଦ୍ୟମ କରି ଫେଲ ମାରିଛନ୍ତି। ତେବେ କାରଖାନା ଚଳାଇ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟଜିତ କରିବା ସହ ବକେୟା ପାଉନାହାନ୍ତି। ତୁରନ୍ତ ଦେବା ଦାବିରେ କମ୍ପାନୀ ଆଗରେ ଅହରାତ୍ର ଧାରଣା ଚାଲିଛି।

# ମଦ ସହ ବାଇକ ଜବତ, ଜଣେ ଗିରଫ




ଖଣ୍ଡପଡା:ଖଣ୍ଡପଡା ଥାନା ଅଧିନ ସିଂଘାପଡା ନିକଟସ୍ଥ ବେଡାଙ୍କି ଛକରୁ ଜଣେ ଦେଶୀ ମଦ ବେପାରୀକୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଉକ୍ତ ବ୍ୟକ୍ତିଙ୍କ ନାମ ବଳରାମ ଜେନା(୩୨) ଓ ତାର ଘର ବେଣାଗାଡିଆ ପଂଚାୟତର ଗୋପୀନାଥପୁର ଗ୍ରାମରେ ବୋଲି ଜଣାପଡିଛି। ବଳରାମ ଏକ ବାଇକ ଯୋଗେ ୨୪ ଲିଟର ଦେଶୀ ମଦ ନେଇ ବେପାର କରିବାକୁ ଯାଉଥିବା ବେଳେ କୈାଣସି ସୁତ୍ରରୁ ଖବର ପାଇ ଆଇଆଇସି ବିଶ୍ୱଜିତ ରାଉତରାୟ, ଏସଆଇ ଶ୍ରଦ୍ଧା ନାୟକ ସଦଳବଳେ ଚଢାଉ କରିଥିଲେ। ପୋଲିସ ଦେଶୀ ମଦ ସହ ବାଇକଟିକୁ ଜବତ କରି ଏକ ମାମଲା ରୁଜୁ କରିଥିବା ଜଣାଯାଇଛି।

# ୬ଦିନ ମଧ୍ୟରେ ବିଦ୍ୟୁତ କାର୍ଯ୍ୟାଳୟରେ ୨ଥର ତାଲା ଝୁଲିଲା



ଖଣ୍ଡପଡା : ଖଣ୍ଡପଡା ଅଚଂଳରେ ବାରମ୍ବାର ବିଦ୍ୟୁତକାଟ, ଲୋ-ଭୋଲଟେଜ ସମସ୍ୟାକୁ ନେଇ ସାଧାରଣରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଖାସ ଏହି କାରଣକୁ କେନ୍ଦ୍ର କରି ଗତ ୬ଦିନ ମଧ୍ୟରେ ଖଣ୍ଡପଡା ବିଦ୍ୟୁତ ବିତରକ କାର୍ଯ୍ୟାଳୟରେ ଆନ୍ଦୋଳନକାରୀମାନେ ୨ଥର ତାଲା ଝୁଲାଇବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗତ ୧୪ ଦିନ ଧରି ୪ଦଫା ଦାବି ପୁରଣ ନେଇ ଭାରତୀୟ ବିକାଶ ପରିଷଦର କର୍ମକର୍ତାମାନେ ବିଦ୍ୟୁତ ବିତରକ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ବସିଥିବା ବେଳେ ଧାରଣାରତ ମହିଳାମାନେ ହଠାତ୍ ବିଦ୍ୟୁତ ବିତରକ କମ୍ପାନୀ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ହରତାଳ କରିଥିଲେ। ଖବର ପାଇ ଖଣ୍ଡପଡା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ ସଦଳବଳେ ସେଠାରେ ପହଁଚି ଧାରଣାରତ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ କାର୍ଯ୍ୟାଳୟ ମୁଖ୍ୟ ଫାଟକରୁ ତାଲା ଖୋଲା ଯାଇଥିଲା। ତେବେ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ମଙ୍ଗଳବାର ଦିନ ଆନ୍ଦୋଳନକାରୀ ମାନେ ଆଲୋଚନା କରିବା ପରେ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭାରତୀୟ ବିକାଶ ପରିଷଦର କର୍ମକର୍ତାମାନେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଗତ ଜୁନ୩୦ ତାରିଖରେ ଲୋ- ଭୋଲଟେଜ ସମସ୍ୟାକୁ ନେଇ ବାଇଗୁଣିଆ ଅଂଚଳର ୫୦ରୁ ଉର୍ଦ୍ଧ ଜନସାଧାରଣ ବିଦ୍ୟୁତ ବିତରକ କମ୍ପାନୀରେ ତାଲା ଝୁଲାଇ ଦେଇଥିଲେ।

# ମନ୍ଦିର ପାର୍ଶ୍ୱରେ ଡ୍ରେନ ନିର୍ମାଣ ପ୍ରତି ପୂର୍ତ୍ତ ବିଭାଗର ଦୃଷ୍ଟି ପଡୁ



ଖଣ୍ଡପଡା :ଖଣ୍ଡପଡା ସହରର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ପାର୍ଶ୍ୱସ୍ଥ ଡ୍ରେନ ଦୀର୍ଘ ବର୍ଷ ଧରି ପୋତି ହୋଇ ପଡିଛି। ସାମାନ୍ୟ ବର୍ଷା ହେଲେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ମନ୍ଦିର ନିକଟରେ ଅବସ୍ଥିତ ନଳକୂପର ପାଣି ରାସ୍ତା ସାରା ମାଡୁଛି। ଦୈନିକ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ ନର୍ଦ୍ଦମା ପାଣି ଦେଇ ମନ୍ଦିରକୁ ପ୍ରବେଶ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଦିର୍ଘ ବର୍ଷ ତଳେ ଉକ୍ତ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ଥିଲା। ଫଳରେ ବର୍ଷାଜଳ ଓ ନର୍ଦ୍ଦମା ପାଣି ଡ୍ରେନ ମଧ୍ୟ ଦେଇ ନିଷ୍କାସିତ ହେଉଥିଲା। ଏବେ ଡ୍ରେନ ପୋତି ହୋଇ ପଡିଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ଖଣ୍ଡପଡା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଓ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ମନ୍ଦିର ସମ୍ମୁଖରେ ଏନଏସି କର୍ତ୍ତୃପକ୍ଷ ଏକ ଡ଼ଷ୍ଟବିନ ସ୍ଥାପନ କରିଥିଲେ ହେଁ ଉକ୍ତ ଡ଼ଷ୍ଟବିନରୁ ଦୈନିକ ଅଳିଆ, ଆବର୍ଜନା ଅନ୍ୟତ୍ର ଉଠାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ଖଣ୍ଡପଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସବୁଜ ବଳୟ ସୃଷ୍ଟି ହେଲେ ଏ ଜୀବଜଗତ ବଞ୍ଚିରହିବ




କୋଣାର୍କ :୭୨ତମ ବନମହୋତ୍ସବ ସପ୍ତାହ ପାଳନର ପଞ୍ଚମ ଦିବସରେ କୋଣାର୍କର ଅଗ୍ରଣି ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବା ସଙ୍ଗଠନ' ପକ୍ଷରୁ କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର ମଧ୍ୟଭାଗରେ ଥିବା ଡିଭାଇଡରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସୋମବାର ପୂର୍ବାହ୍ନ ୮ଟା ସମୟରେ 'ସେବା ସଙ୍ଗଠନ'ର ସମ୍ପାଦକ କୁନାଲ ପାତ୍ରଙ୍କ ଅଧ୍ୟକ୍ଷତରାରେ ଆୟୋଜିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳର ଅଧିକାରୀ ବେଣୁଧର ବେହେରା, ରାମଚଣ୍ଡୀ ସ୍ଥିତ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ଅଧିକାରୀ ବିଚିତ୍ରାନନ୍ଦ ଚୌଧୁରୀ, ଗବେଷକ ତଥା ଲେଖକ ସଞ୍ଜୟ ବରାଳ, ବରିଷ୍ଠ ସାମ୍ବାଦିକ ରାଜେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣର ଆବ୍ୟଶକତା ସମ୍ପର୍କରେ ଅବଗତ କରାଇବା ସହ ସବୁଜ ବଳୟ ସୃଷ୍ଟି ହେଲେ ଏ ଜୀବଜଗତ ବଞ୍ଚିରହିବା ସହିତ ଗ୍ଲୋବାଲ ୱାର୍ମି ଓ ବିଭିନ୍ନ ପ୍ରକାର ପ୍ରାକୃତିକ ବିପତ୍ତିରୁ ରକ୍ଷା କରାଯାଇ ପାରିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଅତିଥିମାନଙ୍କ ସମେତ ସେବା ସଙ୍ଗଠନର କର୍ମକର୍ତ୍ତା ଅଜିତ ସ୍ୱାଇଁ, ସୁଶାନ୍ତ କୁମାର ନାୟକ, ପବିତ୍ର ନାୟକ, ରଞ୍ଜନ ମୁଦୁଲି, ଲିପୁ ସ୍ୱାଇଁ, ବ୍ରଜବନ୍ଧୁ ବିଶ୍ୱାଳ, କିଷାନ କୁମାର ସାହୁ, ମୁନା ମହାପାତ୍ର, ଅମିତ ଭଦ୍ର ବେଉରା, ସୌଭାଗ୍ୟ ସ୍ୱାଇଁ, ସତ୍ୟଜିତ ବେହେରା, ମାନସ କାଣ୍ଡି, ସିଦ୍ଧାର୍ଥ ମିଶ୍ର ଓ କାଳନ୍ଦି ଲେଙ୍କା ପ୍ରମୁଖ ଯୋଗ ଦେଇ ରାସ୍ତାର ଡିଭାଇଡରରେ ଦେବଦାରୁ ବୃକ୍ଷ ରୋପଣ କରିଥିଲେ। କୋଭିଡ-୧୯ର ସମସ୍ତ ନୀତିନୀୟମକୁ ଅନୁପାଳନ କରାଯାଇ ସାମଜିକ ଦୂରତାକୁ ବଜାୟୀ ରଖି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବର୍ଷାଋତୁ ସମୟରେ ସେବା ସଙ୍ଗଠନ ପକ୍ଷରୁ ଜୁଲାଇ ମାସ ତମାମ ବିଭିନ୍ନ ସ୍ଥାନମାନଙ୍କରେ ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟି କରିବା ଉଦ୍ୟମକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray